# ମୁରିବାହାଲ ବ୍ଲକସ୍ତରୀୟ ଧନୁଯାତ୍ରା ମହୋତ୍ସବ

**ମୁରିବାହାଲ, ୩୧।୧୨ (ସମିସ):** ମୁରିବାହାଲ ମଥୁରା ନଗରୀରେ ଚାଲିଥିବା ପଞ୍ଚମ ବାର୍ଷିକ ବିରାଟ ଧନୁଯାତ୍ରା ମହୋତ୍ସବର ତୃତୀୟ ଦିବସରେ ଆୟୋଜକ କମିଟି ସଭାପତି ଶ୍ରୀବତ୍ସ ବେହେରାଙ୍କ ଅଧ୍ୟକ୍ଷତାରେ ମୁରିବାହାଲ ବିଡ଼ିଓ ପୂର୍ଣ୍ଣାନନ୍ଦ ପଟେଲ ମୁଖ୍ୟଅତିଥି, ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥି ରୂପେ କୃଷକ ମୋର୍ଚ୍ଚାର ରାଜ୍ୟ ସାଧାରଣ ସମ୍ପାଦକ ଲକ୍ଷ୍ମଣ ବାଗ, ବ୍ଲକ ବିତ୍ତ ଅଧିକାରୀ ଘେନୁରାମ ତାଣ୍ଡି, ଆଣା ଅଧ୍ୟକ୍ଷ ତଥା ମୁରିବାହାଲ ମଣ୍ଡଳ ସଭାପତି ସୁରେଶ ଭୋଇ, ଅବସରପ୍ରାପ୍ତ ହାଇସ୍କୁଲ ପ୍ରଧାନଶିକ୍ଷକ ସୁଧୀର ପାଣି, ସେନାବାହିନୀ ମେଜର ତ୍ରିଗତ ମଲ୍ଲିକ, ପ୍ରଧାନଶିକ୍ଷକ ଲମ୍ବୋଦର ଭୋଇ, ହଳଦୀ ମଣ୍ଡଳ ସମ୍ପାଦକ କୈବଲ୍ୟ ବେହେରା, ଆୟୋଜକ କମିଟି ପ୍ରତିଷ୍ଠାତା ରମେଶ ନାଗ, ସମ୍ପାଦକ ଭରତ ଦାସ, ଉପସଭାପତି ଶ୍ୟାମସୁନ୍ଦର ଝାଙ୍କର, ସାଂସ୍କୃତିକ ସମ୍ପାଦକ ଖଗେଶ୍ୱର ସାହୁ, ସୁଧାଂଶୁ ପୋଢ଼ ପ୍ରମୁଖ ରାଜ ଅତିଥି ରୂପେ ଉପସ୍ଥିତ ଥିଲେ। ଦେବକୀଙ୍କ ସପ୍ତପୁତ୍ର ବିନାଶ ଓ କଂସଙ୍କ ଦ୍ୱାରା ସ୍ୱର୍ଗପୁର ମଞ୍ଚସ୍ଥ ହୋଇଥିଲା। ସେହିପରି ଗୋପପୁର ବନବାହାଲରେ ବଳରାମଙ୍କ ଜନ୍ମ ଉତ୍ସବ ମଞ୍ଚସ୍ଥ ହୋଇଥିଲା। ଏହି ଅବସରରେ ଅଯୋଧ୍ୟାରେ କରସେବା କରିଥିବା ହଳଦୀର ସାଧୁରାମ ପାଣିଗ୍ରାହୀ, ଡାକ୍ତର ଚିନ୍ମୟୀ ମହାନ୍ତି ଓ ଡାକ୍ତର ଅଲିଶା ପ୍ରିୟଦର୍ଶିନୀ କରଙ୍କୁ ସ୍ୱତନ୍ତ୍ର ରୂପେ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ ଆୟୋଜକ କମିଟିର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।




# ବିଶ୍ୱଶାନ୍ତି ଯଜ୍ଞ ଉପଲକ୍ଷେ କଳସ ଯାତ୍ରା

**ଦେଓଗାଁ, ୩୧।୧୨(ସମିସ)** ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ ଦେଷଣ୍ଡ ପଞ୍ଚାୟତ ଅନ୍ତର୍ଗତ ଦେଷଣ୍ଡ ଚାନ୍ଦଲି ପାହାଡଠାରେ ଚାରି ଦିନ ଧରି ହେବାକୁ ଥିବା ବିଶ୍ୱଶାନ୍ତି ବ୍ରହ୍ମ ଯଜ୍ଞ ଓ ଷୋହଳ ପ୍ରହରୀ ନାମଯଜ୍ଞ ଉପଲକ୍ଷେ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଗ୍ରାମବାସୀ ମେହେର କଟା ପ୍ରୋଜେକ୍ଟରୁ ପାଣି ସଂଗ୍ରହ କରି ଗ୍ରାମ ପରିକ୍ରମା ପୂର୍ବକ ଯଜ୍ଞ ଓ ପ୍ରହରୀ ମଣ୍ଡପଠାରେ କଳସ ସ୍ଥାପନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଯଜ୍ଞକର୍ତ୍ତା ଭାବେ ଘାସିରାମ ରଣା ଓ ଧର୍ମପତ୍ନୀ ଦମୟନ୍ତୀ ରଣା ଏବଂ ପ୍ରହରୀ କର୍ତ୍ତା ଦୁର୍ଯୋଧନ ମେହେର ଓ ଧର୍ମପତ୍ନୀ ସବିତା ମେହେର ଏବଂ ପାରାୟଣ କର୍ତ୍ତା ଭାବେ ଦାମୋଦର ରଣା ଓ ଧର୍ମପତ୍ନୀ ଦିପାଞ୍ଜଳୀ ରଣା ଦାୟିତ୍ୱ ତୁଲାଉଛନ୍ତି। ପୂଜକ ଭାବେ ମାଧବ ଚନ୍ଦ୍ର ପାଣିଗ୍ରାହୀ ଓ ସତ୍ୟ ନାରାୟଣ ଷଡଙ୍ଗୀ ଦାୟିତ୍ୱ ତୁଲାଉଥିବା ବେଳେ ବଲାଙ୍ଗିର ସତ୍ୟନାରାୟଣ ପଡ଼ାର ହରିଓଁ ପ୍ରକାଶ ବ୍ୟାସ ଭାବେ ଯୋଗ ଦେବେ। କାର୍ଯ୍ୟକ୍ରମକୁ ସଭାପତି ବନମାଳି ମେହେର, ସମ୍ପାଦକ ସ୍ୱୟମ୍ବର ମେହେର, ପିଙ୍କୁ ଷଡଙ୍ଗୀ, ବିଦ୍ୟାଧର ନାଏକ, ରିଙ୍କୁ ଷଡଙ୍ଗୀ, ଡଗର ନାଏକ, ଜୁଲୁ ଷଡଙ୍ଗୀ, ଇନ୍ଦ୍ରଜିତ ରାଏ, ରବୀନ୍ଦ୍ର ସାଏ ସମେତ ଗ୍ରାମବାସୀ ତଥା ଚାନ୍ଦଲୀ ପାହାଡ ପୂଜା କମିଟି ସହଯୋଗ କରୁଛନ୍ତି।







































# ବିଦାୟ ୨୦୨୩ ଜିରୋ ନାଇଟ୍ ସେଲିବ୍ରେସନରେ ଝୁମିଲା ରାଉରକେଲା





**ରାଉରକେଲା,୩୧।୧୨(ସମିସ)**

ଜିରୋ ନାଇଟ୍ ସେଲିବ୍ରେସନରେ ଝୁମିଛନ୍ତି ରାଉରକେଲାବାସୀ। ଡିଜେ ଧ୍ୱନିରେ ନାଚିଲେ, ଗାଇଲେ ଓ ଅନଲିମିଟେଡ ମସ୍ତି କଲେ। ୨୦୨୩କୁ ବିଦାୟ ଦେଇ ୨୦୨୪କୁ ସ୍ୱାଗତ କଲେ। ବିଭିନ୍ନ ରକ୍‌ଷ୍ଟାରଙ୍କ ଏଭରଗ୍ରୀନ ଗୀତ ସାଙ୍ଗକୁ ସୁପର ଡ୍ୟାନ୍ସର୍‌ଙ୍କ ରଙ୍ଗିଲା ନୃତ୍ୟରେ ରଙ୍ଗୀନ ହୋଇଛି ରାଉରକେଲା। ମତୁଆଲା ହେଲେ ସ୍ମାର୍ଟ ସିଟି ରାଉରକେଲାବାସୀ। ମଧ୍ୟରାତ୍ରରେ ନୂଆ ବର୍ଷକୁ ସ୍ୱାଗତ କରିଥିଲେ ସହରବାସୀ।

ଜିରୋ ନାଇଟ୍ ସେଲିବ୍ରେସନ ପାଇଁ ସପ୍ତାହ ପୂର୍ବରୁ ପ୍ରସ୍ତୁତି ଆରମ୍ଭ ହୋଇଥିଲା। ସହରର ବିଭିନ୍ନ ହୋଟେଲ, ରେସ୍ତୋରାଁ, କ୍ଲବ୍, ବାର୍‌ଗୁଡ଼ିକ ସଜେଇ ହୋଇଥିଲା। ଓଲିଉଡ୍, ବଲିଉଡ୍ କଳାକାରଙ୍କ ଗୀତରେ ଯୁବଗୋଷ୍ଠୀ ମତୁଆଲା ହେବା ପାଇଁ ସମସ୍ତ ପ୍ରସ୍ତୁତି ହୋଇଥିଲା। ପୁରୁଣା ବର୍ଷକୁ ହସଖୁସିରେ ବିଦାୟ ଦେବା ପାଇଁ ବଡ଼ ସହରରେ ଜିରୋ ନାଇଟ ସେଲିବ୍ରେସନ କରାଯାଉଥିଲା। ରାଉରକେଲା ବି ଏଥିରୁ ବାଦ୍ ପଡ଼ି ନ ଥିଲା। ଜିରୋ ନାଇଟ୍ ସେଲିବ୍ରେସନ୍ ପାଇଁ ଯୁବପିଢ଼ି ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଥିଲା। ଏହାକୁ କେମିତି କେଉଁଠି ପାଳନ କରିବେ ତାହାକୁ ନେଇ ନିଜକୁ ପ୍ରସ୍ତୁତ କରିଥିଲେ ସେମାନେ। ସହରରେ ୧୦ରୁ ଊର୍ଦ୍ଧ୍ୱ ହୋଟେଲ୍-କମ୍-ବାର୍ ଅଛି। ସେଠାରେ ଏଥର ଜିରୋ ନାଇଟକୁ କେମିତି ଧୁମଧାମରେ ପାଳନ କରାଯିବ ସେନେଇ ସବୁ ପ୍ରକାର ପ୍ରସ୍ତୁତି କରାଯାଇଥିଲା। ଖାଦ୍ୟ, ପାନୀୟଠାରୁ ଆରମ୍ଭ କରି ମ୍ୟୁଜିକ ପର୍ଯ୍ୟନ୍ତ ସମସ୍ତ ଦିଗ ଉପରେ ଗୁରୁତ୍ୱ ଦିଆଯାଇଥିଲା। ରାତିତମାମ ଯୁବଗୋଷ୍ଠୀ ଗୀତରେ ଝୁମିଥିଲେ। ଏହି ସେଲିବ୍ରେସନ କେବଳ ବାର୍ କିମ୍ବା ହୋଟେଲରେ ନୁହେଁ ବରଂ ସମସ୍ତ କ୍ଷେତ୍ର ତଥା ବିଭିନ୍ନ ସଙ୍ଗଠନ ପକ୍ଷରୁ ଜୋରସୋରରେ କରାଯାଇଥିଲା। ରାତି ବଢ଼ିବା ସହ ସେଲିବ୍ରେସନକୁ ଅଧିକ ରଙ୍ଗୀନ କରାଯିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ରଙ୍ଗୀନ ଆଲୁଅରେ ସଜ୍ଜିତ ହୋଇଥିବା ସମଗ୍ର ସହର। ସବୁଠି ଏଥର ଭିଡ଼ ଜମିଥିଲା। ଏଥିପାଇଁ ପୁଲିସ ପ୍ରଶାସନ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଥିଲା। ଏହି କ୍ରମରେ ବିଭିନ୍ନ ପ୍ରମୁଖ ଛକ ଓ ସ୍ଥାନଗୁଡ଼ିକରେ ସନ୍ଧ୍ୟା ୭ଟାରୁ ରାତି ତମାମ ଫୋର୍ସ ମୁତୟନ କରାଯାଇଥିଲା। ବିଶେଷ କରି ମଦ୍ୟପ, ଦ୍ରୁତ ଗତିରେ ଗାଡ଼ି ଚଳାଉଥିବା ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା। ଏହାସହ ବିଭିନ୍ନ ପ୍ରବେଶପଥରେ କଡ଼ାକଡ଼ି ଯାଞ୍ଚ ହୋଇଥିଲା।



# ଡାଲମିଆ ବିଦ୍ୟାମନ୍ଦିରର ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ





**ରାଉରକେଲା,୩୧।୧୨(ସମିସ):** ରାଜଗାଙ୍ଗପୁରସ୍ଥିତ ଡାଲମିଆ ବିଦ୍ୟାମନ୍ଦିର (ଡିଭିଏମ୍)ର ତିନିଦିନ ବ୍ୟାପୀ ବାର୍ଷିକ କ୍ରୀଡ଼ା ଉତ୍ସବ ଉଦଯାପିତ ହୋଇଛି। ୯୭ଟି ବିଭାଗରେ ମୋଟ ୫୮୬ ଛାତ୍ରଛାତ୍ରୀ ଏହି କ୍ରୀଡ଼ା ମହାକୁମ୍ଭରେ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଛାତ୍ରଛାତ୍ରୀମାନେ ଚାରିଟି ହାଉସ ଗଙ୍ଗା, ବ୍ରହ୍ମପୁତ୍ର, କାବେରୀ ଓ ନର୍ମଦା ମଧ୍ୟରେ ବିଭକ୍ତ ହୋଇଥିବାରୁ ଏହି ପ୍ରତିଯୋଗିତା ଅତ୍ୟନ୍ତ ପ୍ରତିଯୋଗିତାମୂଳକ ହୋଇଥିଲା। ସମାରୋହରେ ମୁଖ୍ୟଅତିଥି ଭାବେ ରାଜଗାଙ୍ଗପୁର ଡିସିବିଏଲ୍ ନିର୍ବାହୀ ନିର୍ଦ୍ଦେଶକ ଏବଂ ୟୁନିଟ୍ ମୁଖ୍ୟ ଚେତନ ଶ୍ରୀବାସ୍ତବ, ସମ୍ମାନିତ ଅତିଥି ଭାବେ ରାଜଗାଙ୍ଗପୁର ଡିସିବିଏଲ୍ ନିର୍ବାହୀ ନିର୍ଦ୍ଦେଶକ ଡ. ନୀଳାଦ୍ରି ଭୂଷଣ ପାଢ଼ୀ ଏବଂ ଡାଲମିଆ ବିଦ୍ୟାମନ୍ଦିର ପ୍ରବନ୍ଧନ ପରିଷଦ ସଭ୍ୟ ପ୍ରକାଶ ଅଗ୍ରୱାଲ ପ୍ରମୁଖ ଯୋଗଦେଇ ପ୍ରତିଯୋଗୀଙ୍କୁ ଉତ୍ସାହିତ କରିବା ସହ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଡିଭିଏମ୍ ରାଜଗାଙ୍ଗପୁର ବିଦ୍ୟାଳୟ ଅଧ୍ୟକ୍ଷ ଜୟଦେବ କର ଛାତ୍ରଛାତ୍ରୀଙ୍କୁ କ୍ରୀଡ଼ା ପ୍ରତି ସୁସ୍ଥ ମାନସିକତା ରଖିବା ପାଇଁ ଆହ୍ୱାନ ଦେଇଥିଲେ। ଡାଲମିଆ ବିଦ୍ୟା ମନ୍ଦିର ସିଇଓ ଡ. ରୋସେଟା ୱିଲିଅମ୍ସ ସମସ୍ତଙ୍କୁ ଅଭିନନ୍ଦନ ଜଣାଇବା ସହ ଛାତ୍ରଛାତ୍ରୀଙ୍କୁ କ୍ରୀଡ଼ା କ୍ଷେତ୍ରରେ ଆଗକୁ ବଢ଼ିବାକୁ ପ୍ରୋତ୍ସାହିତ କରିଥିଲେ। ଏହି ଅବସରରେ ବହୁ ସଂଖ୍ୟାରେ ଅବିଭାବକ ଉପସ୍ଥିତ ଥିଲେ। ଏହି ଅବସରରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାଯ କ୍ରମ ପରିବେଷଣ କରାଯାଇଥିଲା।

# ମନ୍ଦିର ଦାନବାକ୍ସ ଭାଙ୍ଗି ନେଇଗଲେ ଟଙ୍କା

**ରାଉରକେଲା,୩୧।୧୨(ସମିସ):** ମନ୍ଦିର ଦାନବାକ୍ସ ଭାଙ୍ଗି ଦୁର୍ବୃତ୍ତମାନେ ଟଙ୍କା ନେଇ ଫେରାର ହୋଇଯାଇଛନ୍ତି। ଏହାସହ ଦୁଇଟି ଦୋକାନରୁ ମଧ୍ୟ ଚୋରି ଉଦ୍ୟମ ହୋଇଥିବା ନେଇ ଉଦିତନଗର ଥାନାରେ ଅଭିଯୋଗ ହୋଇଛି।



ଅଭିଯୋଗ ଅନୁଯାୟୀ, ପାୱାର ହାଉସ ରୋଡ୍‌ରେ ଥିବା ଆଖଣ୍ଡଳମଣି ମନ୍ଦିର ଗେଟ ତାଲା ଭାଙ୍ଗି ଶନିବାର ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ଭିତରକୁ ପଶିଥିଲେ। ପରେ ଦାନବାକ୍ସ ଭାଙ୍ଗି ଟଙ୍କା ଚୋରିକରି ନେଇଥିଲେ। ଏହାସହ ସ୍ଥାନୀୟ ଦୁଇଟି ଦୋକାନରୁ ଚୋରି ଉଦ୍ୟମ କରି ବିଫଳ ହୋଇଥିଲେ। ରବିବାର ସକାଳେ ସ୍ଥାନୀୟ ଲୋକେ ଏହି ଚୋରି ବିଷୟରେ ଜାଣି ପୁଲିସକୁ ସୂଚନା ଦେଇଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି। ଅନ୍ୟପଟେ ସ୍ଥାନୀୟ ନିର୍ମଳ ମାର୍କେଟ ପଛପଟେ ପରିତ୍ୟକ୍ତ ଅବସ୍ଥାରେ ଗୋଟିଏ ବାଇକ ଠିଆ ହୋଇଥିବା ଲୋକେ ଦେଖିବାକୁ ପାଇଥିଲେ। ଉକ୍ତ ବାଇକକୁ ମଧ୍ୟ ପୁଲିସ ଜବତ କରିଛି। ସୂଚନାଯୋଗ୍ୟ, ଶୀତ ପ୍ରକୋପ ଯୋଗୁଁ ରାତି ପ୍ରାୟ ୯ଟା ପରେ ରାସ୍ତାଘାଟ ଶୂନଶାନ୍ ହୋଇଯାଉଛି। ଯାହାର ଫାଇଦା ଉଠାଇ ଦୁର୍ବୃତ୍ତମାନେ ବିଭିନ୍ନ ଚୋରି କରି ଚାଲିଛନ୍ତି। ଏନେଇ ପୁଲିସ ପାଟ୍ରୋଲିଂ ବ୍ୟବସ୍ଥା କଡ଼ାକଡ଼ି କରିବାକୁ ସାଧାରଣରେ ଦାବି ହେଉଛି।

## 'ରାଉରକେଲା ବିମାନ ବନ୍ଦରକୁ ମହର୍ଷି ବେଦବ୍ୟାସଙ୍କ ନାମରେ ନାମିତ କରାଯାଉ'

**ରାଉରକେଲା, ୩୧।୧୨(ସମିସ):** ରାମାୟଣ ରଚୟିତା ମହର୍ଷି ବାଲ୍ମୀକିଙ୍କ ନାମାନୁସାରେ ଅଯୋଧ୍ୟା ବିମାନ ବନ୍ଦର ନାମକରଣ କରାଯାଇଥିବା ବେଳେ ମହାଭାରତ ଗ୍ରନ୍ଥ ରଚୟିତା ମହର୍ଷି ବେଦବ୍ୟାସଙ୍କ ନାମାନୁସାରେ ସ୍ଥାନୀୟ ରାଉରକେଲା ବିମାନ ବନ୍ଦର ନାମକରଣ କରିବା ପାଇଁ ଦାବି ହୋଇଛି। ରାଉରକେଲା ବିମାନବନ୍ଦରକୁ ବେଦବ୍ୟାସ ଏୟାରପୋର୍ଟ ନାମରେ ନାମିତ କରାଯିବାକୁ ସ୍ଥାନୀୟ ରେଳ, ବିମାନ, ସଡ଼କ ବ୍ୟବହାରକାରୀ ସଂଘ ପକ୍ଷରୁ ସଭାପତି ଇଂ ଉତ୍ତମ କୁମାର ସାମଲ, ଅମୂଲ୍ୟ ଚରଣ ବରାଳ, ଜ୍ୟୋତିର୍ମୟୀ ଆଚାର୍ଯ୍ୟ, ବିଦ୍ୟାଧର ଜେନା, ଉପେନ୍ଦ୍ର ନାୟକ, ସଂଗ୍ରାମ ମହାନ୍ତି ପ୍ରମୁଖ ବିମାନ ବନ୍ଦର କର୍ତ୍ତୃପକ୍ଷଙ୍କ ନିକଟରେ ଦାବି କରିଛନ୍ତି।






## ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଉଦ୍‌ଘାଟିତ



**ସୁନ୍ଦରଗଡ଼, ୩୧।୧୨(ସମିସ):** ସୁନ୍ଦରଗଡ଼ ସରକାରୀ ମେଡିକାଲ କଲେଜ ଓ ହସ୍ପିଟାଲରେ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଉଦଘାଟିତ ହୋଇଛି। ଏଥିରେ ସୁନ୍ଦରଗଡ଼ ଜିଲ୍ଲା ପରିଷଦ ଅଧ୍ୟକ୍ଷା କୁନ୍ତୀ ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଡାକ୍ତରୀ ଛାତ୍ରଛାତ୍ରୀଙ୍କୁ ଖେଳ ଦ୍ୱାରା ଶାରୀରିକ ଓ ମାନସିକ ସୁସ୍ଥତା ବଜାୟ ରହିବାକୁ ସେ ପରାମର୍ଶ ଦେଇଥିଲେ। ଏହି ଅବସରରେ ମେଡିକାଲ କଲେଜ ଓ ହସ୍ପିଟାଲ ଡିନ୍ ଓ ଅଧକ୍ଷ ଡା. ଦୈତାରୀ ରାଉତରାୟ ଓ ସହକାରୀ ପ୍ରଫେସର ଡା. ସତ୍ୟଜିତ ରାୟଙ୍କ ସମେତ ଅନ୍ୟ ପ୍ରଫେସରମାନେ ଉପସ୍ଥିତ ଥିଲେ। ଅଧ୍ୟକ୍ଷ ରାଉତରାୟଙ୍କ ତତ୍ତ୍ୱାବଧାନ ତଥା ଛାତ୍ର ସଂସଦ କମିଟି ଦ୍ୱାରା ପରିଚାଳିତ ଏହି କାର୍ଯ୍ୟକ୍ରମରେ ମେଡିକାଲ କଲେଜର ଡାକ୍ତରୀ ଛାତ୍ରଛାତ୍ରୀଙ୍କ ମଧ୍ୟରେ କ୍ରିକେଟ, ବ୍ୟାଡମିଣ୍ଟନ, ୧୦୦ ମିଟର ଦୌଡ଼, ବକ୍ତୃତା ଆଦି ପ୍ରତିଯୋଗିତା ହେଉଛି।

# ବେଦବ୍ୟାସକୁ ଅନ୍ତର୍ଜାତୀୟ ଆଧ୍ୟାତ୍ମିକ ପର୍ଯ୍ୟଟନସ୍ଥଳୀରେ ପରିଣତ କରିବାକୁ ଦାବି

ରାଉରକେଲା, ୩୧।୧୨(ସମିସ)

ପଶ୍ଚିମ ଓଡ଼ିଶାର ବିଶିଷ୍ଟ ଶୈବପୀଠ ବେଦବ୍ୟାସକୁ ଏକ ଅନ୍ତର୍ଜାତୀୟ ଧାର୍ମିକ ଆଧ୍ୟାତ୍ମିକ ପର୍ଯ୍ୟଟନସ୍ଥଳୀରେ ପରିଣତ ପାଇଁ ଥିଙ୍କର୍ସ ଫୋରମ୍ ପକ୍ଷରୁ ଦାବି କରାଯାଇଛି। ୨୦୧୯ ପରଠାରୁ ରାଜ୍ୟ ସରକାର ଓଡ଼ିଶାର ସାଂସ୍କୃତିକ ବୈଭବକୁ ସଂରକ୍ଷିତ ତଥା ଉଜ୍ଜୀବିତ କରିବା ଉଦ୍ଦେଶ୍ୟରେ ବିଭିନ୍ନ ମଠମନ୍ଦିର, ଧାର୍ମିକସ୍ଥଳୀକୁ ପ୍ରାଥମିକତା ଦେଇ ବିକାଶ କରିଆସୁଛନ୍ତି। ଏହା ସ୍ୱାଗତଯୋଗ୍ୟ। ତେବେ ରାଉରକେଲାର ବେଦବ୍ୟାସ କ୍ଷେତ୍ର ବହୁପୁରାତନ ଐତିହାସିକ ଧାର୍ମିକ ଶୈବକ୍ଷେତ୍ର ଓ ଶଙ୍ଖ, କୋଏଲ ଓ ବ୍ରାହ୍ମଣୀ ନଦୀର ସଙ୍ଗମ ସ୍ଥଳ। ପୂର୍ବ ଭାରତର ତ୍ରିବେଣୀ ଭାବେ ମଧ୍ୟ ଏହା ପ୍ରଖ୍ୟାତ। ତେଣୁ ଅସ୍ଥି ବିସର୍ଜନ ସହ ଅନେକ ଧାର୍ମିକ କାର୍ଯ୍ୟ ଏଠାରେ ସମ୍ପାଦନ କରାଯାଏ। ସରକାର ପର୍ଯ୍ୟଟନ କ୍ଷେତ୍ରକୁ ଗୁରୁତ୍ୱ ଦେଇ ଓଡ଼ିଶାର ହୀରାକୁଦ ଜଳଭଣ୍ଡାର, ଦେବ୍ରିଗଡ଼ ବନ୍ୟପ୍ରାଣୀ ଅଭୟାରଣ୍ୟ ଓ ଖଣ୍ଡାଧାର ଜଳପ୍ରପାତକୁ ଇକୋ-ରିଟ୍ରିଟ୍‌ରେ ସାମିଲ କରି ଏହାର ବିକାଶ ମଧ୍ୟ କରୁଛନ୍ତି। ବେଦବ୍ୟାସର ଐତିହାସିକ ପୃଷ୍ଠଭୂମି, ଭୌଗୋଳିକ ସ୍ଥିତି, ଭିତ୍ତିଭୂମିକୁ ବିକାଶ କଲେ ଏହା ଜାତୀୟ କାହିଁକି ଏକ ଅନ୍ତର୍ଜାତୀୟ ଧାର୍ମିକ-ଆଧ୍ୟାତ୍ମିକ ପର୍ଯ୍ୟଟନ ସ୍ଥଳଭାବେ ଉଭା ହେବାପାଇଁ ସମସ୍ତ ଯୋଗ୍ୟତା ବହନ କରେ। ମନ୍ଦିର ଓ ତ୍ରିବେଣୀ ସଙ୍ଗମକୁ ବିକାଶ କରିବା ସହ ୧କି.ମି. ଊର୍ଦ୍ଧ୍ୱ କୋଏଲ-ବ୍ରାହ୍ମଣୀ ତଟର ବହୁମୁଖୀ ବିକାଶ ପର୍ଯ୍ୟଟନ ପାଇଁ ବିଶେଷ ସହାୟକ ହେବ ଯାହାକି ସାବରମତି ନର୍ମଦା ନଦୀତଟ, ସିଲ୍‌ଭାସା ତାପ୍ତି ନଦୀତଟ ଆଦି ସ୍ଥାନରେ କରାଯାଇଛି। ଏଠାରେ ଜାତୀୟ ଅନ୍ତର୍ଜାତୀୟ ସ୍ତରର ଆଧ୍ୟାତ୍ମିକ ଗବେଷଣାଗାର, ସଭାକକ୍ଷ, ସାମାଜିକ କାର୍ଯ୍ୟ ପାଇଁ ମଣ୍ଡପ ଗୃହ, ପ୍ରଦର୍ଶନୀ ସ୍ଥଳ, ଉଦ୍ୟାନ ତଥା ଅନ୍ୟ ଭିତ୍ତିଭୂମିର ବିକାଶ କରାଯାଇପାରିବ।

ଛେଣ୍ଡରୁ ମନ୍ଦିରକୁ ପୋଲ ମାଧ୍ୟମରେ ସଂଯୋଗ କରିବାକୁ ଦୀର୍ଘଦିନ ହେଲା ଦାବି ହୋଇଆସୁଛି। ରାଉରକେଲା-ଝାରସୁଗୁଡ଼ାରେ ବିମାନ ସେବା ସହ ବନ୍ଦେଭାରତ ଭଳି ଦ୍ରୁତଗାମୀ ଟ୍ରେନ୍ ସୁବିଧା ଏହି ଅଞ୍ଚଳର ପର୍ଯ୍ୟଟନ କ୍ଷେତ୍ରର ବିକାଶକୁ ତ୍ୱରାନ୍ୱିତ କରିବ। ବେଦବ୍ୟାସକୁ ଯୋଜନାବଦ୍ଧ ଭାବେ ବିକାଶ କଲେ ଏହି ଐତିହାସିକ ଧାର୍ମିକ ସ୍ଥଳର ଐତିହ୍ୟ ସଂରକ୍ଷଣ ହେବା ସହ ପଶ୍ଚିମ ଓଡ଼ିଶାର ଅନ୍ୟ ପର୍ଯ୍ୟଟନ କ୍ଷେତ୍ରକୁ ନେଇ ଏକ ଉନ୍ନତ ପର୍ଯ୍ୟଟନ କ୍ଷେତ୍ରର ଭିତ୍ତିଭୂମି ଏହି ଅଞ୍ଚଳରେ ସୃଷ୍ଟି ହୋଇପାରିବ। ପର୍ଯ୍ୟଟନ କ୍ଷେତ୍ର ସର୍ବାଧିକ କର୍ମନିଯୁକ୍ତି ସୃଷ୍ଟି କରିପାରୁଥିବାରୁ ସ୍ଥାନୀୟ ଯୁବବର୍ଗ ଉପକୃତ ହେବା ସହ ଓଡ଼ିଶାର ଆର୍ଥିକ ପ୍ରଗତିରେ ମଧ୍ୟ ସହାୟକ ହେବ। ତେଣୁ ଏହାକୁ ଏକ ଅନ୍ତର୍ଜାତୀୟ ଧାର୍ମିକ ଆଧ୍ୟାତ୍ମିକ ପର୍ଯ୍ୟଟନସ୍ଥଳରେ ପରିଣତ କରିବା ପାଇଁ ଥିଙ୍କର୍ସ ଫରୋମର ଆବାହକ ନଳିନୀକାନ୍ତ ଧର ସ୍ମାରକପତ୍ର ମାଧ୍ୟମରେ ମୁଖ୍ୟମନ୍ତ୍ରୀ, ପର୍ଯ୍ୟଟନ ମନ୍ତ୍ରୀ, ଅର୍ଥମନ୍ତ୍ରୀ, ୫-ଟି ଅଧ୍ୟକ୍ଷ, ସାଂସଦ, ବିଧାୟକ ଓ କେନ୍ଦ୍ର ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

## ବାସନ୍ତୀ ପାଠାଗାରର ମାସିକ ସାହିତ୍ୟ ଆସର, କବିତା ପାଠୋତ୍ସବ



**ରାଉରକେଲା, ୩୧।୧୨(ସମିସ):** ସହରର ଅଗ୍ରଣୀ ସାହିତ୍ୟାନୁଷ୍ଠାନ ବାସନ୍ତୀ ପାଠାଗାର ସଭାପତି ଡ. ଶକ୍ତିପ୍ରସାଦ ସାମନ୍ତରାୟଙ୍କ ଅଧ୍ୟକ୍ଷତାରେ ପାଠାଗାରର ମାସିକ ସାହିତ୍ୟ ଆସର ଆୟୋଜିତ ହୋଇଛି। ଏଥିରେ ଆଲୋଚକ ଭାବେ ପ୍ରାକ୍ତନ ଅଧ୍ୟାପକ ପାରେଶ୍ୱର ବିଶ୍ୱାଳ ଆଲୋଚ୍ୟ ବିଷୟ ‘ଜଗତୀକରଣ, ସୂଚନା ପ୍ରାଦ୍ୟୋଗିକ ଓ ସାଂସ୍କୃତିକ ସଙ୍କଟ’ ସମ୍ପର୍କରେ ଆଲୋଚନା କରିଥିଲେ। ବିଶ୍ୱାଳ ତାଙ୍କ ବକ୍ତବ୍ୟରେ କହିଲେ ଯେ ଉଦାରୀକରଣ ନୀତିକୁ ଚୀନ ଆପଣାଇଥିଲା। ପରବର୍ତ୍ତୀ ସମୟରେ ରୁଷ ମଧ୍ୟ ଏହି ନୀତିକୁ ସ୍ୱାଗତ କଲା। ତେବେ ରାଜନୈତିକ, ସାମାଜିକ, ବ୍ୟକ୍ତିଗତ ସ୍ୱାଧୀନତା କ୍ଷେତ୍ରରେ ଉଦାରୀକରଣ ନୀତି ଲାଗୁକଲେ ନାହିଁ ବୋଲି ସେ କହିଥିଲେ। ଏହାସହ ଏହାର ପାରିପାର୍ଶ୍ୱିକ ସ୍ଥିତି ଓ ସଲମାନ୍ ରୂଷିଦୀଙ୍କ ପୁସ୍ତକ ସମ୍ପର୍କରେ ତଥା ସାଂସ୍କୃତିକ ସଙ୍କଟ ବିଷୟରେ ଆଲୋଚନା କରିଥିଲେ। ପରେ ଗାଳ୍ପିକା ଅର୍ଚ୍ଚନା ପାତ୍ର ‘ସ୍ୱପ୍ନର ନୀଳୟ’ ସମ୍ପର୍କରେ ଗଳ୍ପ ପାଠ କରିଥିଲେ। କାର୍ଯ୍ୟକାରୀ ସଭାପତି ବିକ୍ରମ ଚନ୍ଦ୍ର ଆଚାର୍ଯ୍ୟ ପ୍ରାରମ୍ଭିକ ସୂଚନା ଦେଇଥିବା ବେଳେ ସୁଭାଷିନୀ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

ଦ୍ୱିତୀୟ ପର୍ଯ୍ୟାୟରେ କବିତା ପାଠୋତ୍ସବ କାର୍ଯ୍ୟକ୍ରମରେ କିଶୋରୀ ମୋହନ କର ଓ ଶ୍ରେୟଶ୍ରୀ ସାହୁଙ୍କ ସଂଯୋଜନାରେ ରବୀନ୍ଦ୍ର କୁମାର ମହାନ୍ତି, ଭୂପେନ ମହାପାତ୍ର, ସୁବାସିନୀ ସାହୁ, ଅଶୋକ ପଟ୍ଟନାୟକ, ତାରିଣୀ ଚରଣ ସାହୁ ଏବଂ ସଂଯୋଜକ ଦ୍ୱୟ କବିତା ପାଠ କରିଥିଲେ। ପ୍ରାରମ୍ଭରେ ପାଠାଗାର ସାଧାରଣ ସମ୍ପାଦକ ଅଜୟ କୁମାର ପ୍ରଧାନ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। କବିତା ଦାଶ ଧନ୍ୟବାଦ ଅର୍ପଣ କରିଥିବା ବେଳେ ଅଜୟ କୁମାର ମହାନ୍ତି, ନିରୂପମା ଚାନ୍ଦ, ଗୀତାଞ୍ଜଳି ମହାରଣା, ପ୍ରିୟା ପାତ୍ର, ବିଭୁଦତ୍ତ ବେହେରା, ଅରବିନ୍ଦ ପାତ୍ର, ରବୀନ୍ଦ୍ର ଠାକୁର, ବସନ୍ତ ମହାରଣା, ଅଜୟ କୁମାର ମହାନ୍ତି, ସ୍ୱର୍ଣ୍ଣଲତା ଘଡ଼େଇ, କମଳ ଆଚାର୍ଯ୍ୟ, ଅନିଲ କୁମାର ଦାଶ, ନାରାୟଣ ଖଣ୍ଡେଲୱାଲ, ବିବେକ ପାତ୍ର, କୁଳମଣି ଦାସ, ରାଧାମୋହନ ନାୟକ, କୌଶଲ୍ୟା ପାତ୍ର, ସମୃଦ୍ଧି ମହାରଣା ପ୍ରମୁଖ ସହଯୋଗ କରିଥିଲେ।

## ରାଉରକେଲାରେ ଆର୍‌ଏସ୍‌ଏସ୍ ମୁଖ୍ୟ ମୋହନ ଭାଗବତ

**ରାଉରକେଲା, ୩୧।୧୨(ସମିସ):** ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆରଏସ୍‌ଏସ୍) ମୁଖ୍ୟ ମୋହନ ଭାଗବତ ରବିବାର ରାତିରେ ରାଉରକେଲାରେ ଆସି ପହଞ୍ଚିଛନ୍ତି।



ଏଠାରେ ୫ ଦିନ ଧରି ହେବାକୁ ଥିବା ଆରଏସଏସର ସର୍ବଭାରତୀୟ ସ୍ୱତନ୍ତ୍ର ଅଧିବେଶନରେ ସେ ଯୋଗ ଦେବା କାର୍ଯ୍ୟକ୍ରମ ରହିଛି। ଏହି ସ୍ୱତନ୍ତ୍ର ଅଧିବେଶନ ସ୍ଥାନୀୟ ଅଗ୍ରସେନ ଭବନରେ ୧ରୁ ୫ ତାରିଖ ଯାଏ ଚାଲିବ। ଏହି ଅଧିବେଶନରେ ସଂଘର ସାଧାରଣ ସମ୍ପାଦକ ତଥା ସହ-କାର୍ଯ୍ୟବାହ ଦତ୍ତାତ୍ରେୟ ହୋସବାଲେଙ୍କ ସମେତ ୪ ଜଣ ଯୁଗ୍ମ ସହ-କାର୍ଯ୍ୟବାହ ଏବଂ ୩୬ ଜଣ ବରିଷ୍ଠ ପଦାଧିକାରୀ ଯୋଗ ଦେଉଛନ୍ତି। କାର୍ଯ୍ୟକ୍ରମର ବିଭିନ୍ନ ଦିବସରେ ସଂଘର ଭବିଷ୍ୟତ କାର୍ଯ୍ୟପନ୍ଥା ଆଭିମୁଖ୍ୟ ଆଦି ବିଷୟରେ ବିସ୍ତୃତ ଆଲୋଚନା କରାଯିବ ବୋଲି ସୂଚନା ମିଳିଛି।

## ୨୦୨୩ ବିଦାୟରେ ଆମିଷ ବଜାରରେ ଭିଡ଼

■ ଜିରୋ ନାଇଟ୍ ସେଲିବ୍ରେସନ କଲେ ସହରବାସୀ

**ରାଉରକେଲା, ୩୧।୧୨(ସମିସ):** ୨୦୨୩କୁ ବିଦାୟ ଦେଇଛନ୍ତି ରାଉରକେଲାବାସୀ। ଆଉ ନୂଆବର୍ଷକୁ କରିଛନ୍ତି ସ୍ୱାଗତ। ଏହି କ୍ରମରେ ଡିସେମ୍ବର ୩୧ ରାତିରେ ଜିରୋ ନାଇଟ୍ ପାଳନ କରାଯାଇଛି। ଜିରୋ ନାଇଟ୍ ପାଳନ କରିବାକୁ ଆୟୋଜନ ହୋଇଥିଲା ନାଚଗୀତ ଆଦି ରଙ୍ଗାରଙ୍ଗ କାର୍ଯ୍ୟକ୍ରମ। ସାଙ୍ଗସାଥୀ ଏବଂ ପରିବାର ସଦସ୍ୟଙ୍କୁ ନେଇ ହୋଟେଲ, କ୍ଲବ୍, ପର୍ଯ୍ୟଟନସ୍ଥଳୀରେ ଖାଇବା ପିଇବା ସାଙ୍ଗକୁ ନାଚଗୀତର ଆସର ଜମିଥିଲା। ଜିରୋ ନାଇଟ୍‌ରେ କ୍ଲବ୍, ହୋଟେଲରେ ଆୟୋଜନ ହୋଇଥିଲା ଷ୍ଟାର ନାଇଟ୍ କାର୍ଯ୍ୟକ୍ରମ। ହସଖୁସିରେ ଲୋକେ ପୁରୁଣା ବର୍ଷକୁ ବିଦାୟ ଦେଇ ସ୍ୱାଗତ କରିଥିଲେ ନୂଆବର୍ଷକୁ। ଜିରୋ ନାଇଟ୍‌ରେ କେକ୍ କାଟି ନାଚଗୀତରେ ଝୁମିଥିଲେ। ଏହାସହ ପରସ୍ପରକୁ ଉପହାର, ଡାଏରୀ, ମିଠା ଓ ଫୁଲ ଦେଇ ଶୁଭେଚ୍ଛା ଜଣାଇଥିଲେ। ଜିରୋନାଇଟ୍ ପାଇଁ ସ୍ୱତନ୍ତ୍ର କେକ୍ ଅର୍ଡର କରାଯାଇଥିଲା। ବେକେରିରେ କେକ୍ ମଧ୍ୟ ପ୍ରସ୍ତୁତ ହୋଇଥିଲା। ସେହିପରି ଫୁଲ ଓ ମିଠା ଦୋକାନ ଭିଡ଼ ପରିଲକ୍ଷିତ ହୋଇଥିଲା। ଗୋଲାପ ଫୁଲ ଗୋଟିଏ ୨୦ ଟଙ୍କା ହୋଇଥିବା ବେଳେ ଫୁଲତୋଡ଼ା ସର୍ବନିମ୍ନ ଶହେ ଟଙ୍କାରୁ ଆରମ୍ଭ ହୋଇ ହଜାରେ ଟଙ୍କା ପର୍ଯ୍ୟନ୍ତ ରହିଥିଲା। କୋଲକାତା, ବେଙ୍ଗାଲୁରୁରୁ ଫୁଲ ବ୍ୟବସାୟୀମାନେ ଫୁଲ ଆଣିଥିବା କହିଛନ୍ତି। ସେପଟେ ବର୍ଷର ଶେଷ ଦିନ ରବିବାର ପଡ଼ିଥବାରୁ ଏହା ଆମିଷ ବାର ଥିଲା। ଏହି କ୍ରମରେ ସେଲିବ୍ରେସନ୍ ଭୋଜିଭାତରେ ଆମିଷର ସ୍ୱତନ୍ତ୍ର ମେନ୍ୟୁ ରହିଥିଲା। ଫଳରେ ସବୁ ଆମିଷ ବଜାରରେ ମାଛ, ଛେଳି ଓ କୁକୁଡ଼ା ଛାଡ଼ଖାଇ ଭଳି ବିକ୍ରି ହୋଇଥିବା ଜଣାପଡ଼ିଛି। ରୋହି ଓ ଭାକୁର ମାଛ କିଲୋ ୧୬୦ଟଙ୍କା, ଛୋଟ ମାଛ କିଲୋ ଶହେ ଟଙ୍କା, ଚିଙ୍ଗୁଡ଼ି କିଲୋ ୨୦୦ରୁ ୫୦୦ଟଙ୍କା, କଙ୍କଡ଼ା କିଲୋ ୪୦୦ରୁ ୬୦୦ଟଙ୍କା, ଚିକେନ କିଲୋ ୨୨୦ ଟଙ୍କା, ମଟନ୍ ୬୦୦ରୁ ୮୦୦ଟଙ୍କାରେ ବିକ୍ରି ହୋଇଥିବା କୁହାଯାଇଛି।

## ଜୟଦୁର୍ଗା କ୍ଲବ୍‌ର ବାର୍ଷିକ କ୍ରୀଡ଼ା ଉତ୍ସବ



**ସୁନ୍ଦରଗଡ଼, ୩୧।୧୨(ସମିସ):** ସ୍ଥାନୀୟ ଜୟଦୁର୍ଗା କ୍ଲବ୍‌ର ୧୯ତମ ବାର୍ଷିକ ଉତ୍ସବର ଦ୍ୱିତୀୟ ଦିବସରେ ବାଳକ ବାଳିକା ବିଭାଗର ଅଙ୍କକଷା, ସାଧାରଣ ଜ୍ଞାନ ପରୀକ୍ଷା, ଡ୍ରଇଂ ଓ କୁନି କୁନି ଝିଅମାନଙ୍କ ମଧ୍ୟରେ ଜିଲାପି ଡିଆଁ ଓ ମହିଳାଙ୍କ ମେହେନ୍ଦି, ଝୋଟି ଓ ରଙ୍ଗୋଲି ପ୍ରତିଯୋଗିତା ଆୟୋଜିତ ହୋଇଛି। ସନ୍ଧ୍ୟାରେ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦଘାଟିତ ହୋଇଥିଲା। ଉଦଘାଟନୀ ଉତ୍ସବରେ ସୁନ୍ଦରଗଡ଼ ପୌରାଧ୍ୟକ୍ଷା ତନୟା ମିଶ୍ର ମୁଖ୍ୟଅତିଥି, କାଉନ୍‌ସିଲର ଦୀପାଞ୍ଜଳି ନନ୍ଦ, ମିନତୀ ପୁରୋହିତ, ଭାରତୀ ପଟେଲ ଓ ରମେଶ ସୋରେଙ୍ଗ, ସାଂସଦଙ୍କ ପୌରପାଳିକା ପ୍ରତିନିଧି ମନୋଜ ପୁରୋହିତ, ବିଶିଷ୍ଟ କ୍ରୀଡ଼ା ସଂଗଠକ ଆନନ୍ଦ ନାଏକ, ରାଜ୍ୟସ୍ତରୀୟ ଫୁଟବଲ ଖେଳାଳି କିଶୋର ଚୌଧୁରୀ, ସମାପ୍ତନ୍ଦୁ ମେହେର, କ୍ଲବର ବରିଷ୍ଠ ସଦସ୍ୟ ମୁରଲୀଧର ନନ୍ଦ, ପଞ୍ଚାନନ ପଶାୟତ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କ୍ଲବର ଏପରି କାର୍ଯ୍ୟକ୍ରମ ସହରରେ ଭାଇଚାରାକୁ ଉଜ୍ଜୀବିତ କରୁଥିବାରୁ ଅତିଥିମାନେ ଭୂୟସୀ ପ୍ରଶଂସା କରିବା ସହ କର୍ମକର୍ତ୍ତାଙ୍କୁ ସାଧୁବାଦ ଜଣାଇଥିଲେ। ଫୁଟବଲ ଟୁର୍ଣ୍ଣାମେଣ୍ଟରେ ୮ ଦଳ ଅଂଶଗ୍ରହଣ କରିଥିଲେ। କ୍ଲବ ସଭାପତି ଅଭୟ ପଟ୍ଟନାୟକ ଓ ସମ୍ପାଦକ ବଟକିଶୋର ମିଶ୍ରଙ୍କ ତତ୍ତ୍ୱାବଧାନରେ ଖେଳ ପରିଚାଳିତ ହୋଇଥିଲା।

# ସମସ୍ୟା ଘେରରେ ଦକ୍ଷିଣ ରାଉରକେଲା

ରାଉରକେଲା, ୩୧।୧୨(ସମିସ)





ସ୍ମାର୍ଟସିଟି ରାଉରକେଲାରେ ଦୀପତଳ ଅନ୍ଧାର ପରି ସ୍ଥିତି। ଦୀର୍ଘ ୨୮ ବର୍ଷ ଧରି ମୌଳିକ ସେବାରୁ ବଞ୍ଚିତ ହୋଇ ବିଭିନ୍ନ ସମସ୍ୟାରେ ରହିଛନ୍ତି ଦକ୍ଷିଣ ରାଉରକେଲାର ୫୦ ହଜାରରୁ ଊର୍ଦ୍ଧ୍ୱ ବାସିନ୍ଦା। ନା ସଫା ହେଉଛି ନାଳନର୍ଦ୍ଦମା, ନା ସୁଧୁରିଛି ପରିମଳ ବ୍ୟବସ୍ଥା ନା ମିଳୁଛି ମୌଳିକ ସେବା। ଫଳରେ ଏକ ଅନିଶ୍ଚିତତା ମଧ୍ୟରେ ଜୀବନ ଅତିବାହିତ କରିବା ସହ କେବଳ ଭୋଟ ଦେବା ହିଁ ସେମାନଙ୍କ ମୌଳିକ ଅଧିକାର ବୋଲି ତାତ୍ସଲ୍ୟ କରିଛନ୍ତି ବିଭିନ୍ନ ସେବା ଓ ଯୋଜନାରୁ ବଞ୍ଚିତ ଉକ୍ତ ଅଞ୍ଚଳରବାସୀ।

ଦକ୍ଷିଣ ରାଉରକେଲାର ଦକ୍ଷିଣ ରାଉରକେଲା, ସେକ୍ଟରର ଅଧିକାଂଶ ଅଞ୍ଚଳକୁ ୧୯୯୫ ଏପ୍ରିଲରେ ଶିଳ୍ପାଞ୍ଚଳ ଘୋଷଣା କରାଯାଇ ପରେ ରାଜ୍ୟ ନଗର ଉନ୍ନୟନ ବିଭାଗ ଓ ରାଉରକେଲା ଇସ୍ପାତ କାରଖାନା କର୍ତ୍ତୃପକ୍ଷଙ୍କ ମଧ୍ୟରେ ଦ୍ୱିପାକ୍ଷିକ ଚୁକ୍ତିନାମା ହୋଇଥିଲା। ସେତେବେଳେ ଏନଏସି (ଏସଟି)ର ଆସେଟ୍ସ ଏବଂ ଲାୟାବିଲିଟି ବାବଦ ୪ କୋଟି ଟଙ୍କା ରାଜ୍ୟ ନଗର ଉନ୍ନୟନ ବିଭାଗକୁ ପ୍ରଦାନ କରିଥିଲେ। ଏହି ୪ କୋଟି ଟଙ୍କାର ଏକ ଷ୍ଟିଲବଣ୍ଡ ହୋଇ ଉକ୍ତ ଟଙ୍କାରେ ତତ୍କାଳୀନ ଏନଏସି (ଏସଟି)ର କର୍ମଚାରୀ ଓ ଶିକ୍ଷକମାନଙ୍କୁ ସେମାନଙ୍କ ୧୧ ମାସର ବକେୟା ଦରମା ପ୍ରଦାନ କରାଯାଇଥିଲା। ତା’ର ପ୍ରତି ବଦଳରେ ଆରଏସପି ଉକ୍ତ ଶିଳ୍ପାଞ୍ଚଳଗୁଡ଼ିକରେ ମୌଳିକ ସେବା ଯୋଗାଇଦେବାକୁ ଉକ୍ତ ଦ୍ୱିପାକ୍ଷିକ ଚୁକ୍ତିନାମାରେ ଉଲ୍ଲେଖ ହୋଇଥିଲା। ହେଲେ ଇତିମଧ୍ୟରେ ୨୮ ବର୍ଷ ବିତିଯାଇଛି। ମୌଳିକ ସେବା ତ ଦୂର କଥା, ଦୀର୍ଘ ୨୮ ବର୍ଷ ମଧ୍ୟରେ ଉକ୍ତ ଅଞ୍ଚଳଗୁଡ଼ିକରେ ମାଟି ମୁଠାଏ ବି ପଡ଼ିନାହିଁ। ଫଳରେ ବର୍ଷ ବର୍ଷ ଧରି ମୌଳିକ ସେବାରୁ ବଞ୍ଚିତ ହୋଇ ଦକ୍ଷିଣ ରାଉରକେଲାବାସୀ ଏବେ ନା ମହାନଗର ନିଗମରେ ଆସୁଛନ୍ତି ନା ପଞ୍ଚାୟତ ଅଧୀନରେ ଅଛନ୍ତି। ସେତେବେଳେ ହୋଇଥିବା ଉକ୍ତ ଚୁକ୍ତିନାମା ଅନୁଯାୟୀ ଦକ୍ଷିଣ ରାଉରକେଲାର ମଡର୍ଣ୍ଣଇଣ୍ଡିଆ, ଲୋକନାଥ ମାର୍କେଟ, ଲକ୍ଷ୍ମୀ ମାର୍କେଟ, ଅଟୋକଲୋନୀ, ଲାଲଟାଙ୍କି, କନଷ୍ଟ୍ରକ୍ସନ କଲୋନୀ, ବ୍ରିଟାନିଆ କଲୋନୀ, ବନ୍ଧବସା, ବୁରୁଡ଼ି, କଇଥାବସା, ଟାଙ୍ଗରପାଲ୍ଲୀ, ସମରାବସ୍ତି ପ୍ରଭୃତି ଶିଳ୍ପାଞ୍ଚଳ ଘୋଷଣା ହୋଇଥିବା ଅଞ୍ଚଳବାସୀଙ୍କୁ ସର୍ବନିମ୍ନ ମୌଳିକ ସେବା ଯୋଗାଇବାକୁ ପ୍ରତିଶ୍ରୁତି ଦିଆଯାଇଥିଲା। ହେଲେ ବିଭାଗୀୟ କର୍ତ୍ତୃପକ୍ଷ ଏହି ସେବା ଯୋଗାଉ ନ ଥିବାରୁ ଏହି ଅଞ୍ଚଳବାସୀ ଏଥିରୁ ବଞ୍ଚିତ ହୋଇଛନ୍ତି। ଫଳରେ ଏହି ଅଞ୍ଚଳର ରାସ୍ତାଘାଟ ମରାମତି ନ ହୋଇ ବିପର୍ଯ୍ୟସ୍ତ ହୋଇପଡ଼ିଛି। ୧୯୯୫ ପୂର୍ବରୁ ଏନଏସି (ଏସଟି) ପକ୍ଷରୁ ନାଳ ନର୍ଦ୍ଦମା ଯତକିଞ୍ଚିତ୍ ସଫା କରାଯାଉଥିଲା। ସେତେବେଳେ ଯାହା ବି ଡ୍ରେନ ନିର୍ମାଣ ହୋଇଥିଲା, ତା’ର ଆଉ ମରାମତି ହୋଇନାହିଁ କି ନୂତନ ଡ୍ରେନ ନିର୍ମାଣ କରାଯାଇ ନାହିଁ। ଦୀର୍ଘ ୨୮ ବର୍ଷ ମଧ୍ୟରେ ରାସ୍ତା ପାର୍ଶ୍ୱରେ ପୂର୍ବରୁ ଥିବା ଡ୍ରେନ ସବୁ କେବେଠାରୁ ପୋତିହୋଇ ରାସ୍ତା ଉପରକୁ ମାଡ଼ି ଆସିଲାଣି। ନାଳନର୍ଦ୍ଦମା ସଫା କରିବାକୁ କେହି ଆସୁନାହାନ୍ତି। ମଡର୍ଣ୍ଣଇଣ୍ଡିଆ, ଲାଲଟାଙ୍କି, ଅଟୋ କଲୋନୀ, ଲକ୍ଷ୍ମୀ ମାର୍କେଟ, ଟାଙ୍ଗରପାଲ୍ଲୀ, ବ୍ରିଟାନିଆ କଲୋନୀ, ଝାରମୁଣ୍ଡା, ବିଜୁବାହାଲ ପ୍ରଭୃତି ଅଞ୍ଚଳରେ କୁଢ଼ କୁଢ଼ ଆବର୍ଜନା ବର୍ଷ ବର୍ଷ ଧରି ଜମାହୋଇ ପଡ଼ି ରହିଥିଲେ ମଧ୍ୟ ଏହା ସଫା ହେଉନି। ଅବଶ୍ୟ ବର୍ଷ ବର୍ଷ ଧରି ଭାଙ୍ଗିରୁଜି ବିପର୍ଯ୍ୟସ୍ତ ଅବସ୍ଥାରେ ପଡ଼ିରହିଥିବା ଲୋକନାଥ ମାର୍କେଟଠାରୁ ଲକ୍ଷ୍ମୀ ମାର୍କେଟ ପର୍ଯ୍ୟନ୍ତ ରାସ୍ତାକୁ ଆରଏସପି ପକ୍ଷରୁ ୨ ବର୍ଷ ତଳେ ମରାମତି କରାଯାଇଥିଲା। ସେହିପରି ବର୍ଷ ବର୍ଷ ଧରି ବିପର୍ଯ୍ୟସ୍ତ ହୋଇପଡ଼ି ରହିଥିବା ତାରାପୁର-ଫେଟକଲ ପେଟ୍ରୋଲ ପମ୍ପ ପର୍ଯ୍ୟନ୍ତ ଯାଇଥିବା ପ୍ରାୟ ଦେଢ଼ କିଲୋମିଟର ରାସ୍ତାକୁ ଆରଏସପି ପକ୍ଷରୁ ୧୫ ଦିନ ତଳେ ମରାମତି କରାଯାଇ କଂକ୍ରିଟ ରାସ୍ତା ନିର୍ମାଣ କରାଯାଇଛି।

୧୯୯୫ ଏପ୍ରିଲ ପୂର୍ବରୁ ଏହିସବୁ ଅଞ୍ଚଳବାସୀଙ୍କୁ ଏନଏସି (ଏସଟି) ମୌଳିକ ସେବା ଯୋଗାଇ ଆସୁଥିଲା। ଡ୍ରେନ ନିର୍ମାଣ, ନାଳ, ନର୍ଦ୍ଦମା ସଫା ଆଦି ସର୍ବନିମ୍ନ ମୌଳିକ ସେବା ନ ଥିବାରୁ ଏବେ ଉକ୍ତ ଅଞ୍ଚଳବାସୀ ଏକପ୍ରକାର ଅସ୍ୱାସ୍ଥ୍ୟକର ପରିବେଶରେ କାଳାତିପାତ କରୁଛନ୍ତି। ଲୋକନାଥ ମାର୍କେଟଠାରୁ ଲକ୍ଷ୍ମୀ ମାର୍କେଟ ପର୍ଯ୍ୟନ୍ତ ରାସ୍ତାରେ ଆଲୋକ ନ ଥିବାରୁ ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି ପାଇଛି। ସେହିପରି ରାଉରକେଲା ଇସ୍ପାତ କାରଖାନା ଅଧୀନ ଟାଙ୍ଗରପାଲ୍ଲୀ, ବୁରୁଡ଼ି, ପାତ୍ର ବସ୍ତି, ବ୍ରିଟାନିଆ କଲୋନୀ ଆଦି ଅଞ୍ଚଳରେ ରାସ୍ତାଘାଟ ବିପର୍ଯ୍ୟସ୍ତ ସାଙ୍ଗକୁ ପାନୀୟ ଜଳର ଉତ୍କଟ ସଙ୍କଟ ରହିଛି। ସ୍ୱାସ୍ଥ୍ୟ, ଶିକ୍ଷା, ମୌଳିକ ସେବା ସବୁଥିରୁ ବଞ୍ଚିତ ଏହି ଅଞ୍ଚଳର ଲୋକେ। ରାଉରକେଲା ଇସ୍ପାତ କାରଖାନାର ବାସଚ୍ୟୁତମାନେ ଅଧିକାଂଶ ସଂଖ୍ୟାରେ ଉକ୍ତ ଅଞ୍ଚଳରେ ବସବାସ କରୁଥିବାରୁ ସେମାନଙ୍କୁ ମୌଳିକ ସେବା ପ୍ରଦାନ ଦାୟିତ୍ୱ ଆରଏସପି କର୍ତ୍ତୃପକ୍ଷଙ୍କର ବୋଲି ମତ ପ୍ରକାଶ ପାଇଛି।

ଅପରପକ୍ଷେ ସର୍ବନିମ୍ନ ମୌଳିକ ସେବାରୁ ବଞ୍ଚିତ ହେବା ଦ୍ୱାରା ଦକ୍ଷିଣ ରାଉରକେଲାର ଉକ୍ତ ଅଞ୍ଚଳବାସୀ ଏକପ୍ରକାର ନିର୍ବାସିତ ତଥା ଅଭିଶପ୍ତ ଜୀବନଯାପନ କରୁଛନ୍ତି। କେବଳ ୫ ବର୍ଷରେ ଥରେ ସାଧାରଣ ନିର୍ବାଚନ ଆସିଲେ ଚଳଚଞ୍ଚଳ ହୋଇଉଠେ ଉକ୍ତ ଅଞ୍ଚଳ। ଧଳା, ଗେରୁଆ ପୋଷାକଧାରୀ ରାଜନେତାମାନେ ସବୁ ସମସ୍ୟା ସମାଧାନ କରାଇବାର ସ୍ୱପ୍ନ ଦେଖାଇ ଛଳେବଳେ କୌଶଳେ ଭୋଟ ହାତେଇ ନିଅନ୍ତି। ନିର୍ବାଚନ ସରିଲେ ଆଉ ତାଙ୍କର ଦେଖା ନ ଥାଏ। ପଚାରିଲେ ଉତ୍ତର ମିଳେ, ସେ ସବୁ ରାଉରକେଲା ଇସ୍ପାତ କାରଖାନା ଅଧୀନ ଅଞ୍ଚଳ। ଆମର କିଛି କରିବାର ନାହିଁ। ତେବେ ଏଠାରେ ପ୍ରଶ୍ନ ଉଠେ ଯେ ଉକ୍ତ ଅଞ୍ଚଳବାସୀ କ’ଣ କେବଳ ଭୋଟ ଦେବା ପାଇଁ ଦୀର୍ଘ ୨୮ ବର୍ଷ ଧରି ବଞ୍ଚି ରହିଛନ୍ତି। ଭୋଟ ଦେବା ଅଧିକାର ବ୍ୟତୀତ ସେମାନଙ୍କର ଆଉ କିଛି ନାହିଁ ବୋଲି ଅଭିଯୋଗ କରିଛନ୍ତି ବସ୍ତିବାସିନ୍ଦା। ସେପଟେ ଏହି ଅଞ୍ଚଳବାସୀଙ୍କ ମୂଲ୍ୟବାନ ଭୋଟରେ ବିଜୟ ଲାଭ କରି ଦୀର୍ଘ ୧୦ ବର୍ଷ ଧରି ରହିଥିବା ବିଧାୟକ ସୁବ୍ରତ ତରାଇ ଉକ୍ତ ଅଞ୍ଚଳ ପ୍ରତି ଧ୍ୟାନ ଦେଉ ନ ଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ସେହିପରି ବିଜେପି ବିଧାୟକ ପ୍ରାର୍ଥୀ ଥିବା ଜଗବନ୍ଧୁ ବେହେରା ଗତ ବିଧାନସଭା ନିର୍ବାଚନରେ ପରାଜିତ ହେବା ପରେ ଅଞ୍ଚଳବାସୀଙ୍କ ପ୍ରତି ସମ୍ପୂର୍ଣ୍ଣ ମୁହଁ ବୁଲାଇ ଦେଇଛନ୍ତି। ରଘୁନାଥପାଲୀ ବିଧାନସଭା ନିର୍ବାଚନମଣ୍ଡଳୀର ପ୍ରାକ୍ତନ କଂଗ୍ରେସ ବିଧାୟକ ପ୍ରାର୍ଥୀ ପ୍ରଶାନ୍ତ ସେଠୀ ପରାଜୟ ସତ୍ତ୍ୱେ ଅଞ୍ଚଳରେ ବୁଲାବୁଲି କରି ଅଞ୍ଚଳବାସୀଙ୍କ ସମସ୍ୟା ପ୍ରତି ଜଡ଼ିତ ରହିଛନ୍ତି। ଶିକ୍ଷା, ସ୍ୱାସ୍ଥ୍ୟ, ଆଲୋକ, ରାସ୍ତା ତଥା ପାନୀୟ ଜଳ ପରି ସର୍ବନିମ୍ନ ମୌଳିକ ସେବାରୁ ବଞ୍ଚିତ ହୋଇ ଏ ଅଞ୍ଚଳର ଲୋକମାନେ ଏକ ନିର୍ବାସିତ ଜୀବନଯାପନ କରୁଥିବା ଅଞ୍ଚଳବାସୀ ଭାବିଥିଲେ ଏହି ଅଞ୍ଚଳ ମହାନଗର ନିଗମ କିମ୍ବା ପଞ୍ଚାୟତ ଅଧୀନକୁ ଯିବ ବୋଲି। ତାହା ବି ହେଲା ନାହିଁ। ଦୀର୍ଘଦିନ ଧରି ପଞ୍ଚାୟତ ପାଇଁ ଦାବି ହେଉଛି। ଗତ ପଞ୍ଚାୟତ ନିର୍ବାଚନରେ ମଧ୍ୟ ଭୋଟ ଦେବାରୁ ଉକ୍ତ ଅଞ୍ଚଳବାସୀ ବଞ୍ଚିତ ହୋଇଥିଲେ। ଯାହାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଇଥିଲା। ରାଜ୍ୟ ସରକାର ଅଞ୍ଚଳବାସୀଙ୍କ ସମସ୍ୟାକୁ ହୃଦୟଙ୍ଗମ କରି ଏ ନେଇ କୌଣସି ସକାରାତ୍ମକ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

## ହୋମିଓପାଥି ମହାବିଦ୍ୟାଳୟରେ ‘ନୂଆ-ଓ’ କାର୍ଯ୍ୟକ୍ରମ ଉଦ୍‌ଯାପିତ

**ରାଉରକେଲା, ୩୧।୧୨(ସମିସ):** ସ୍ଥାନୀୟ ନୟାବଜାରସ୍ଥିତ ଉତ୍କଳମଣି ହୋମିଓପାଥି ମହାବିଦ୍ୟାଳୟ ଓ ଚିକିତ୍ସାଳୟରେ ଅଧ୍ୟକ୍ଷା ନିବେଦିତା ନାଥଙ୍କ ସଭାପତିତ୍ୱରେ ନୂଆ-ଓ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥି ଭାବେ ଶ୍ରମମନ୍ତ୍ରୀ ସାରଦା ପ୍ରସାଦ ନାୟକ ଯୋଗଦେଇ କହିଲେ ଯେ ଛାତ୍ରଛାତ୍ରୀ ସମୃଦ୍ଧ ହେଲେ ଓଡ଼ିଶାର ବିକାଶ ହେବ। ଆଜିର ସମୟରେ ରାଜ୍ୟରେ ସ୍ୱାସ୍ଥ୍ୟ ସେବାର ମାନବ ସମ୍ବଳ ଓ ଭିତ୍ତିଭୂମି ଉପରେ ଗୁରୁତ୍ୱ ଦିଆଯାଉଛି। ସମ୍ମାନିତ ଅତିଥି ଭାବେ ଡ. ପ୍ରଭାକର ନାୟକ ଯୋଗଦେଇ ନିଜ ଲୁକ୍କାୟିତ ପ୍ରତିଭାର ବିକାଶ କରିବା ନେଇ ନୂଆ-ଓ କାର୍ଯ୍ୟକ୍ରମ ପ୍ରକୃଷ୍ଟ ମାଧ୍ୟମ ବୋଲି କହିଥିଲେ। ଅନ୍ୟତମ ଅତିଥି ଉପଦେଷ୍ଟା ଡ. ଅନୀଲ କୁମାର ମିଶ୍ର, ଆଇୱାଇଡିପିର ନୋଡାଲ ଅଧିକାରୀ ଡାକ୍ତର ଶୋଭନ କୁମାର ସେଠୀ ଯୋଗଦେଇ ଛାତ୍ରଛାତ୍ରୀ ପାଠ ପଢ଼ିବା ସହ ନିଜ ଭିତରେ ଥିବା ପ୍ରତିଭା ପରିପ୍ରକାଶ କରିବା ଏ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ବୋଲି କହିଥିଲେ।

କାର୍ଯ୍ୟକ୍ରମ ପ୍ରାରମ୍ଭରେ ଅଧ୍ୟକ୍ଷା ନାଥ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲା ବେଳେ ସହକାରୀ ପ୍ରଧାପକ ଡ. ଅଳକାନନ୍ଦ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ। ଛାତ୍ରସଂଘ ସଭାପତି ହିତେଶ କୁମାର ଗିରି, ସାଧାରଣ ସମ୍ପାଦକ ବିଭାସ ରଞ୍ଜନ ଦାଶ, ବନୀତା ପ୍ରଧାନ, ରଧେନେଶ୍ୱର ମୁର୍ମୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ଡାକ୍ତରୀ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ସହ ନୃତ୍ୟ, ସଙ୍ଗୀତ, ଏକକ ଅଭିନୟ, ଚିତ୍ରାଙ୍କନ ସହ କ୍ରୀଡ଼ା ପ୍ରତିଯୋଗିତା ହୋଇଥିଲା। ଏହାସହ ଏକ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଥିଲା। ମହାବିଦ୍ୟାଳୟ ପ୍ରାଙ୍ଗଣରେ ପ୍ଲାଷ୍ଟିକମୁକ୍ତ ଅଭିଯାନ, ଯୋଗ ସୁସ୍ଥତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅତିଥି ଭାବେ ପ୍ରାକ୍ତନ ଅଧ୍ୟକ୍ଷ ଡାକ୍ତର ଅଭୟ କୁମାର ନାୟକଙ୍କ ସହ ଡାକ୍ତର ଅଜୟ କୁମାର ବିଶ୍ୱାଳ, ଅଳକାନନ୍ଦ ସ୍ୱାଇଁ, ସୁନୀତା ମହାରଣା, ଏମଡି ଅବଦୁଲ କରିମ, ଲୋପାମୁଦ୍ରା ମିଶ୍ର, ସତ୍ୟନାରାୟଣ, ଶୁଭ୍ରାଶମ୍ଭା ମିଶ୍ର, ବିଶ୍ୱଜିତ ଚାନ୍ଦ, ସୁନୀତା ସେନ, ଆର୍ଯ୍ୟ ଅଂଶୁମାନ ଷଡ଼ଙ୍ଗୀ, ଦିବାକର ଦଳାଇ, ଅଶ୍ୱିନୀ କୁମାର ସାହୁ, ସଞ୍ଜିତା ପାତ୍ର, ଡଲି ସେଠୀ, ଭାରତୀ ସିଂ, ଉପାସନା ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରମୋଦ କୁମାର ନାୟକଙ୍କ ସହ ସାଂସ୍କୃତିକ ସମ୍ପାଦକ ଅର୍ପିତା ପ୍ରିୟଦର୍ଶିନୀ ବେହେରା, ଏସଏସଜି ସମ୍ପାଦକ ମଧୁସ୍ମିତା ଦଳାଇ, ସମ୍ପାଦକ ସାଇ ଶୁଭଶ୍ରୀ, ଡ୍ରାମାଟିକ ସମ୍ପାଦକ ଅଜମତ ଖାନ, ଖେଳ ସମ୍ପାଦକ ମାନସ ବେହେରା ଓ ଶ୍ରେଣୀ ପ୍ରତିନିଧି ସୂରଜ ସାହୁ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

ସକାଳ THE SAKALA



www.sakalaepaper.com

# ଭୋପାଳ ଚନ୍ଦ୍ର ପଟେଲ ସ୍ମାରକୀ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତା ଉଦ୍‌ଯାପିତ




**ସୁନ୍ଦରଗଡ଼, ୩୧।୧୨(ସମିସ)**

ଟାଙ୍ଗରପାଲି ବ୍ଲକ ମୁଣ୍ଡାଗାଁ ଜୟଦୁର୍ଗା କ୍ଲବ ଆନୁକୂଲ୍ୟରେ ଚାଲିଥିବା ଅଷ୍ଟମ ଭୋପାଳ ଚନ୍ଦ୍ର ପଟେଲ ସ୍ମାରକୀ ବ୍ୟାଡମିଣ୍ଟନ ପ୍ରତିଯୋଗିତା ଉଦଯାପିତ ହୋଇଛି। ଉକ୍ତ ଟୁର୍ଣ୍ଣାମେଣ୍ଟରେ ରାଜ୍ୟର ଅନୁଗୋଳ, ବଲାଙ୍ଗୀର, ସୁବର୍ଣ୍ଣପୁର, ରାଉରକେଲା, ଝାରସୁଗୁଡ଼ା, ସୁନ୍ଦରଗଡ଼ ଜିଲ୍ଲାର ୪୮ ଖେଳାଳିଙ୍କ ମଧ୍ୟରେ ଚିତ୍ତାକର୍ଷକ ଖେଳ ହୋଇଥିଲା। କନିଷ୍ଠ ବର୍ଗରେ ଅନୁଗୋଳ ଜିଲ୍ଲାର ଏ. ସାମନ୍ତ ଚାମ୍ପିଅନ ଓ ରାୟଗଡ଼ାର ଆଶୁତୋଷ ସାହୁ ଏବଂ ସୌମ୍ୟଜିତ ପଟ୍ଟନାୟକ ରନର୍ସଅପ ହୋଇଥିଲେ। ବରିଷ୍ଠ ବର୍ଗରେ ଅନୁଗୋଳ ଜିଲ୍ଲାର ଅମ୍ଳାନ କେଶରୀ ଗଡ଼ନାୟକ ଏବଂ ତନ୍ମୟ କୁମାର ସାହୁ ଚାମ୍ପିଅନ ଓ ରାଉରକେଲାର ଅମିତ ରଞ୍ଜନ ପରିଡ଼ା ଏବଂ ରାହୁଲ କୁମାର ରନର୍ସଅପରେ ହୋଇଥିଲେ। ଉଦଯାପନୀ ଉତ୍ସବରେ ଆମ ଓଡ଼ିଶା ନବୀନ ଓଡ଼ିଶାର ଜିଲ୍ଲା ସଂଯୋଜକ ତଥା ପୂର୍ବତନ ବିଧାୟକ ଯୋଗେଶ କୁମାର ସିଂହ ଯୋଗଦେଇ ଗ୍ରାମାଞ୍ଚଳରେ ରାଜ୍ୟସ୍ତରୀୟ ପ୍ରତିଯୋଗିତାର ସଫଳ ଆୟୋଜନ ପାଇଁ ଆୟୋଜକଙ୍କୁ ପ୍ରଶଂସା କରିଥିଲେ। ସ୍ୱର୍ଗତ ଭୋପାଳ ଚନ୍ଦ୍ର ପଟେଲଙ୍କ ସହଧର୍ମିଣୀ ସ୍ୱର୍ଣ୍ଣକାନ୍ତି ପଟେଲ ମଧ୍ୟ ତାଙ୍କ ସ୍ୱାମୀଙ୍କ ସ୍ମୃତି ଉଦ୍ଦେଶ୍ୟରେ ଦୀର୍ଘ ୮ ବର୍ଷ ଧରି ପ୍ରତିଯୋଗିତା ବଜାୟ ରଖିଥିବାରୁ କ୍ଲବର ସଦସ୍ୟମାନଙ୍କୁ ଧନ୍ୟବାଦ ଜଣାଇଥିଲେ। କନିଷ୍ଠ ବର୍ଗରେ ସୌରଭ ରଞ୍ଜନ ନାୟକ ଓ ବରିଷ୍ଠ ବର୍ଗରେ ତନ୍ମୟ କୁମାର ସାହୁଙ୍କୁ ଶ୍ରେଷ୍ଠ ଖେଳାଳି ଭାବେ ଟ୍ରଫି ପ୍ରଦାନ କରଯାଇଥିଲା। ଚାମ୍ପିଅନ ଯୋଡ଼ିକୁ ଟ୍ରଫି ସହ ୭ ହଜାର ଟଙ୍କା ଓ ରନର୍ସଅପ ଯୋଡ଼ିକୁ ୫ ହଜାର ଟଙ୍କା ଦିଆଯାଇଥିଲା। ରେଫରୀ ମହମ୍ମଦ ମମତାଜ ଖେଳ ପରିଚାଳନା କରିଥିଲେ। ପୂର୍ଣ୍ଣଚନ୍ଦ୍ର ପଟେଲ ଧାରା ବିବରଣୀ ପ୍ରଦାନ କରିଥିଲେ। ସୌରଭ ରଞ୍ଜନ ନାୟକ ଏବଂ କଲ୍ୟାଣ ପଟେଲଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୨ ଦିନ ଧରି ଉକ୍ତ ପ୍ରତିଯୋଗିତା ଚାଲିଥିବା ବେଳେ କ୍ଲବ ସଭ୍ୟ ଅଜୟ ପଟେଲ, ପ୍ରମୋଦ ପଟେଲ, ବେଗଲାଲ ପଟେଲ, ନିଖିଳ ପଟେଲ, ଅରୁଣ ପଟେଲ, ପ୍ରଦୀପ୍ତ ପଟେଲ, ସଂଗ୍ରାମ ପଟେଲ, ସୁଜିତ ନାଏକ, ଅକ୍ଷୟ ପଟେଲ, ହମିଦ ପଟେଲ, ମୌସମ ପଟେଲ, ମନୋଜ ପଟେଲ, ଆଶିଷ ପଟେଲ, ଆୟୁଷ ପଟେଲ, ବିମଳ ପଟେଲ, ସଞ୍ଜୟ ପଟେଲ, ସୂରଜ ପଟେଲ, କିଶୋର ପଟେଲ, ସୌରଭ ପଟେଲ ପ୍ରମୁଖ ସହଯୋଗ କରିଥିଲେ।

# ଯୁବ ଓଡ଼ିଶା, ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଉଦ୍‌ଯାପିତ



**ହେମଗିରି, ୩୧।୧୨(ସମିସ):** ନୂଆ-ଓ ଯୁବ ଓଡ଼ିଶା, ନବୀନ ଓଡ଼ିଶା ଆନୁକୂଲ୍ୟରେ ୨୦ ଦିନ ଧରି ଚାଲିଥିବା ହେମଗିରି ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଶନିବାର ଉଦ୍‌ଯାପିତ ହୋଇଛି। ହେମଗିରି ମିନି ଷ୍ଟାଡିୟମରେ ଅନୁଷ୍ଠିତ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ଏବଂ ମାନପତ୍ର ପ୍ରଦାନ କରାଜାଇଥିଲା। କ୍ରିକେଟ ପୁରୁଷରେ କୁସୁମେଲ ମାଣିକେଶ୍ୱରୀ ଦଳ ଓ କ୍ରିକେଟ (ମହିଳା)ରେ କେନ୍ଦୁଡିହି ସିଷ୍ଟର କ୍ୱିନ ଦଳ, ଫୁଟବଲରେ ବାଙ୍ଗୁରକେଲାର ଭିଏସଏସ କ୍ଲବ, ହକିରେ ଭାଲୁବହାଲ ମିଲନ କ୍ଲବ, କବାଡ଼ି ପୁରୁଷରେ ହେମଗିରି କିଶାନ ଷ୍ଟାର, ମହିଳାରେ ସାରଙ୍ଗିଝରିଆ ୱାରିଅାର, ଭଲିବଲ୍‌ରେ ଜୁଲୁମବାହାଲ ମା' ମାଣିକେଶ୍ୱରୀ କ୍ଲବ, ଖୋ ଖୋ ପୁରୁଷରେ ଗର୍ଜନବାହାଲ ଏବଂ ମହିଳାରେ ବାଙ୍କିବାହାଲ ଦଳ ଚାମ୍ପିଅନ ହୋଇ ଜିଲ୍ଲା ସ୍ତରରେ ଖେଳିବା ପାଇଁ ଯୋଗ୍ୟତା ହାସଲ କରିଛନ୍ତି। ବିଜେତା ଏବଂ ଉପବିଜେତା ଦଳଗୁଡ଼ିକୁ ଟ୍ରଫି ସହ ଆର୍ଥିକ ପୁରସ୍କାର ଓ ମାନପତ୍ର ପ୍ରଦାନ କରାଯାଇଥିଲା। ସମସ୍ତ ସହଯୋଗୀ ବ୍ୟକ୍ତି, ଖେଳ ପରିଚାଳକ ବିଜୟ ନାୟକ ବେହେରା, ରୂପେନ୍ଦ୍ର ବାଗ, କଲୁ ଠକ୍କର, ପ୍ରକାଶ ବହିଦାର ପ୍ରମୁଖଙ୍କୁ ସଭାପତି ଉତ୍ତରୀୟ ସହ ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରିଥିଲେ। ହେମଗିରି ବିଡିଓ ବିଶ୍ୱନାଥ ସାହୁ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲାବେଳେ ମୁଖ୍ୟଅତିଥି ଭାବେ ସମିତି ଉପାଧ୍ୟକ୍ଷା ସୌଦାମିନୀ ଡିଲା, ସମ୍ମାନିତ ଅତିଥି ରୂପେ ହେମଗିରି ତହସିଲଦାର ଲବଣ୍ୟେନ୍ଦୁ ମହାନ୍ତି, ଏବିଡିଓ ଜିତେନ୍ଦ୍ରୀୟ ମୁଣ୍ଡା, ଆଙ୍କେଲବିରା ସରପଞ୍ଚ ଥୟିଚରଣ ସା, କୁଟେଡେଗା ସରପଞ୍ଚ ଲିଜା ନାୟକ, ଦୁରୁବଗା ସମିତି ସଭ୍ୟା ଅନୁପମା ମଲ୍ଲିକ, ହେମଗିରି ସମିତି ସଭ୍ୟା ମାନସୀ ଦର୍ଜି, ଯୁବ ଆଇନଜୀବୀ ସୁକାନ୍ତ କୁମାର ମିଶ୍ର, ଏଇଇ ଚିନ୍ମୟ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଶିବାଶିଷ ପାଢ଼ୀ ମଞ୍ଚ ପରିଚାଳନା କରିଥିଲେ।

# କୋଇଲି ଘୁଘରଠାରେ ଆତ୍ମଗୀତା ଜୟନ୍ତୀ, ମାର୍ଗଶିର ମେଳା

ହେମଗିରି, ୩୧।୧୨(ସମିସ): ହେମଗିରି ଓ ଝାରସୁଗୁଡ଼ା ଜିଲ୍ଲା ଲଖନପୁର ବ୍ଲକ ସୀମାନ୍ତରେ ଅବସ୍ଥିତ କୋଇଲି ଘୁଘରଠାରେ ମାର୍ଗଶିର ମେଳା ତଥା ଆତ୍ମଗୀତା ଜୟନ୍ତୀ ଉଦଯାପିତ ହୋଇଛି। ଏହି ଅବସରରେ କଳସ ଯାତ୍ରା, ପୂର୍ଣ୍ଣଘଟ ସ୍ଥାପନ, ଶ୍ରୀମଦ ଆତ୍ମଗୀତା ଯଜ୍ଞାଧିବାସ, ଶ୍ରୀଗୁରୁ ଅଷ୍ଟପ୍ରହର ଆଦି କାର୍ଯ୍ୟକ୍ରମ ହୋଇଥିଲା। ତିନିଦିନ ବ୍ୟାପୀ ଅହୋରାତ୍ର ଶ୍ରୀମଦ ଆତ୍ମଗୀତା ପଠନ ସହ ଅନ୍ୟାନ୍ୟ ପୂଜାବିଧି ଅନୁଷ୍ଠିତ ହୋଇଥିଲା। ଏଥିରେ ସୁନ୍ଦରଗଡ଼, ଝାରସୁଗୁଡ଼ା ଜିଲ୍ଲା ସମେତ ପଡ଼ୋଶୀ ରାଜ୍ୟ ଛତିଶଗଡ଼ରୁ ସଂକୀର୍ତ୍ତନ ଦଳ ଆସି ଗୁରୁନାମ ସଂକୀର୍ତ୍ତନ ସହ ନଗରପରିକ୍ରମା କରିଥିଲେ। ଏହି ଅବସରରେ ବିଶିଷ୍ଟ କଳାକାରଙ୍କ ଦ୍ୱାରା ଭଜନ ପରିବେଷଣ କରାଯାଇଥିଲା। ବ୍ରଜରାଜନଗର ବିଧାୟିକା ଅଳକା ମହାନ୍ତି, ଜିଲ୍ଲା ବିଜେଡି ସମ୍ପାଦକ ବିଶ୍ୱନାଥ ନାୟକ, ଜିଲ୍ଲା ସରପଞ୍ଚ ସଙ୍ଘ ଉପସଭାପତି ସଞ୍ଜିତ ପଧାନ, ଜିଲ୍ଲା ପରିଷଦ ସଭ୍ୟ ସନତ ସିଂ, ସମାଜସେବୀ ରବିରତ୍ନ ପଧାନ, କୋଇଲିଘୁଘର ବିକାଶ ପରିଷଦର ପ୍ରସନ୍ନ କୁମାର ପଧାନ, ତୁଳାରାମ ପଧାନ, ନିର୍ମଳ ପଧାନ, ଦିଲୀପ ପଧାନଙ୍କ ସମେତ ସ୍ଥାନୀୟ ଜନପ୍ରତିନିଧିମାନେ ଅତିଥି ରୂପେ ଯୋଗଦେଇଥିଲେ। ସାଧୁସନ୍ଥଙ୍କ ମଧ୍ୟରେ ଆଚାର୍ଯ୍ୟ ଦିବ୍ୟାନନ୍ଦ ସ୍ୱାମୀ, ଆଦ୍ୱୈତାନନ୍ଦ ସ୍ୱାମୀ, ଆଖଣ୍ଡାନନ୍ଦ ସ୍ୱାମୀ, ପ୍ରେମାନନ୍ଦ ସ୍ୱାମୀ, ପ୍ରଣବାନନ୍ଦ ସ୍ୱାମୀ, ପ୍ରଜ୍ଞାନନ୍ଦ ସ୍ୱାମୀ, ଆନନ୍ଦାନନ୍ଦ ସ୍ୱାମୀ, ଯୋଗାନନ୍ଦ ସ୍ୱାମୀ ପ୍ରମୁଖ ଯୋଗଦେଇ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ।

# ଭାରୋତ୍ତୋଳନରେ ପ୍ରଥମ ହେଲେ ଅମନ୍




**ହେମଗିରି, ୩୧।୧୨(ସମିସ):** ହେମଗିରିସ୍ଥିତ ଗ୍ରାଣ୍ଡ ଫିଟନେସ ଜିମ ମାଲିକ ଅମନ ଗିରି ଗୋସ୍ୱାମୀ ୫୧୦ କେଜି ଭାରୋତ୍ତୋଳନ କରି ରାଜ୍ୟ ସ୍ତରରେ ଜୁନିୟର ବର୍ଗରେ ପ୍ରଥମ ସ୍ଥାନ ଅଧିକାର କରିବା ସହ ମାନପତ୍ର ଓ ମେଡାଲ ହାସଲ କରିଛନ୍ତି। ଭୁବନେଶ୍ୱରଠାରେ ଓଡ଼ିଶା ଭାରୋତ୍ତୋଳନ ସଂଘ ଦ୍ୱାରା ଆୟୋଜିତ ପ୍ରତିଯୋଗିତାରେ ପ୍ରାୟ ୪୦୦ ପ୍ରତିଯୋଗୀଙ୍କୁ ପଛରେ ପକାଇ ଅମନ ପ୍ରଥମ ପୁରସ୍କାର ପାଇଛନ୍ତି।

# ମହିଳା କଲେଜ ଅଧ୍ୟକ୍ଷାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା




**ସୁନ୍ଦରଗଡ଼, ୩୧।୧୨(ସମିସ):** ସୁନ୍ଦରଗଡ଼ ସରକାରୀ ମହିଳା ମହାବିଦ୍ୟାଳୟ ଅଧ୍ୟକ୍ଷା ଡ. କୁମୁଦିନୀ ରାଉତରାୟ ରବିବାର ଚାକିରିରୁ ଅବସର ଗ୍ରହଣ କରିଛନ୍ତି। ଏହି ଅବସରରେ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଏକ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ସଭା ଆୟୋଜନ କରାଯାଇ ତାଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ଡ. ଇନ୍ଦିରା ଗଡ଼ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସଭାରେ ବିଦାୟୀ ଅଧ୍ୟକ୍ଷାଙ୍କୁ ପୁଷ୍ପଗୁଚ୍ଛ, ଉପଢୌକନ ଓ ମାନପତ୍ର ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ମହାବିଦ୍ୟାଳୟ ପ୍ରଶାସନିକ ମୁଖ୍ୟ ଡ. ଗଡ଼ନାୟକ ତାଙ୍କ ବକ୍ତବ୍ୟରେ ବିଦାୟୀ ଅଧ୍ୟକ୍ଷାଙ୍କ ଦୀର୍ଘ ଅଧ୍ୟାପନା ଜୀବନର ଶୈକ୍ଷିକ ଦକ୍ଷତା ଓ ଅଧ୍ୟକ୍ଷା ଭାବେ ତାଙ୍କ ଦୂରଦୃଷ୍ଟି ସମ୍ପନ୍ନ ଚିନ୍ତାଧାରା ଦ୍ୱାରା ମହାବିଦ୍ୟାଳୟର ଶିକ୍ଷା ଭିତ୍ତିଭୂମିର ବିକାଶ ଘଟିଥିବା ମତବ୍ୟକ୍ତ କରିଥିଲେ। ସୁନ୍ଦରଗଡ଼ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ପୂର୍ବତନ ଅଧ୍ୟକ୍ଷ ସନ୍ତୋଷ କୁମାର ଅମାତ ଡ. ରାଉତରାୟଙ୍କ ବୃତ୍ତିଗତ ଜୀବନର କର୍ତ୍ତବ୍ୟନିଷ୍ଠା ଓ ସୁନ୍ଦରଗଡ଼ ମାଟିର ସୁଯୋଗ୍ୟା କନ୍ୟା ଭାବେ ଜନଜାତି ବହୁଳ ଏହି ଜିଲ୍ଲାର ଛାତ୍ରୀଛାତ୍ରଙ୍କୁ ଶିକ୍ଷାର ଆଲୋକ ପ୍ରଦାନ କରିବା ସହ ସମାଜରେ ନିଜକୁ ପ୍ରତିଷ୍ଠିତ କରିପାରିଛନ୍ତି ବୋଲି କହିଥିଲେ। ଅଧ୍ୟାପକ ଡ. ସଞ୍ଜୟ କୁମାର ବେହେରା ଅଧ୍ୟକ୍ଷାଙ୍କ କର୍ତ୍ତବ୍ୟପରାୟଣତା ଓ ଦୃଢ଼ ନେତୃତ୍ୱ ଆମ ସମସ୍ତଙ୍କ ପାଇଁ ପ୍ରେରଣାଦାୟୀ ବୋଲି କହିବା ସହ ତାଙ୍କ ଦୀର୍ଘ ନିରାମୟ ଜୀବନ କାମନା କରିଥିଲେ। ଅଧ୍ୟାପିକା ଅଧ୍ୟାପକ, କର୍ମଚାରୀମାନେ ବିଦାୟୀ ଅଧ୍ୟକ୍ଷାଙ୍କ ସହିତ ବିତାଇଥିବା ନିଜ ଅନୁଭୂତି ବଖାଣିଥିଲେ। ବିଦାୟୀ ଅଧ୍ୟକ୍ଷା ଡ. ରାଉତରାୟ ତାଙ୍କ ବିଦାୟୀ ଅଭିଭାଷଣରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଦାୟିତ୍ୱକାଳ ତାଙ୍କ ଜୀବନର ସ୍ୱର୍ଣ୍ଣିମ ସମୟ ବୋଲି ଦର୍ଶାଇ ସମସ୍ତଙ୍କ ସହଭାଗିତାରେ ମହାବିଦ୍ୟାଳୟର ଉନ୍ନତି ସମ୍ଭବ ହୋଇଥିବା କହିଥିଲେ। ଏଥିସକାଶେ ସମସ୍ତଙ୍କୁ ଧନ୍ୟବାଦ ଦେଇ ନିଷ୍ଠାପର ଭାବେ ନିଜ କର୍ତ୍ତବ୍ୟ ସମ୍ପାଦନ କରିବାକୁ ପରାମର୍ଶ ଦେଇଥିଲେ। ଅଧ୍ୟାପିକା ସୁସ୍ମିତା ଭୋଇ ଅଧ୍ୟକ୍ଷାଙ୍କ ସରଳ, ନିରାଡ଼ମ୍ବର ବ୍ୟକ୍ତିତ୍ୱ ସହ ସମସ୍ତଙ୍କୁ ଏକାଠି କରି ଶିକ୍ଷାନୁଷ୍ଠାନର ଉନ୍ନତି ଦିଗରେ ତାଙ୍କ ସକାରାତ୍ମକ କାର୍ଯ୍ୟଧାରା ସମସ୍ତଙ୍କ ପାଇଁ ମାର୍ଗଦର୍ଶନ ବୋଲି ମତବ୍ୟକ୍ତ କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ।

**ସମ୍ପର୍କୀୟ ଭାଇକୁ ଗୁଳିମାଡ଼ ଘଟଣା**

# ଆତ୍ମରକ୍ଷା ପାଇଁ ଗୁଳି ଚଳାଇଥିଲେ ଅଭିଯୁକ୍ତ !

**ସୁନ୍ଦରଗଡ଼, ୩୧।୧୨(ସମିସ):** କିଞ୍ଜିରକେଲା ଥାନା ଅନ୍ତର୍ଗତ ପାଥକିଜୋର ଦାଣ୍ଡିପାଣି ଗ୍ରାମରେ ଶନିବାର ସନ୍ଧ୍ୟାରେ ସଂଘଟିତ ଗୁଳିମାଡ଼ ଘଟଣା ଉପରୁ ପରଦା ଉଠିବାରେ ଲାଗିଛି। ଅଭିଯୁକ୍ତ ସୁନୀଲ ସା ଏବଂ ଗୁଳିମାଡ଼ରେ ଆହତ ହୋଇଥିବା ବାସୁଦେବ ସାଙ୍କ ବାପାମାନେ ୫ ଭାଇ ଥିଲେ। ବାସୁଦେବ ଦ୍ୱିତୀୟ ଭାଇଙ୍କ ପୁଅ ହୋଇଥିବା ବେଳେ ଅଭିଯୁକ୍ତ ସୁନୀଲ ତୃତୀୟ ଭାଇଙ୍କ ପୁଅ। ସୁନୀଲ ଚୋରାମଦ କାରାବାରରେ ଲିପ୍ତ ଥିଲେ। ଶନିବାର ସନ୍ଧ୍ୟାରେ ତାଙ୍କ ପଡ଼ାରେ ଏକ ପାରିବାରିକ ବୈଠକ ପାଇଁ ପ୍ରସ୍ତୁତି ଚାଲିଥିଲା। ତେବେ ଏଥିପୂର୍ବରୁ ଯୁକ୍ତିତର୍କ ହୋଇ ତାଙ୍କ ସମ୍ପର୍କୀୟମାନେ ସୁନୀଲଙ୍କୁ ପ୍ରବଳ ମାଡ଼ ମାରିଥିଲେ। ଏଣୁ ସେ ଆତ୍ମରକ୍ଷା ପାଇଁ ତାଙ୍କ ଘରେ ରଖିଥିବା ଚଢ଼େଇମରା ବନ୍ଧୁକ ଚଳାଇଥିଲେ। ଏକ ଗୁଳି ବାସୁଦେବଙ୍କ ପିଠିରେ ବାଜି ଗୁରୁତର ଆହତ ହୋଇଥିଲେ। ପରେ ସୁନୀଲ ଘରଠାରୁ ପ୍ରାୟ ୪ କି.ମି ଦୂରକୁ ଦୌଡ଼ି ଯାଇ ଆତ୍ମଗୋପନ କରିଥିଲେ। ଆହତଙ୍କୁ ପରିବାର ଲୋକେ ଉଦ୍ଧାର କରି ପ୍ରଥମେ କିଞ୍ଜିରକେଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନେଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ସୁନ୍ଦରଗଡ଼ ସରକାରୀ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିଲା। ଡାକ୍ତରଙ୍କ ସୂଚନା କ୍ରମେ ପୁଲିସ ଛାନଭିନ ଚଳାଇଥିଲା। ଅଭିଯୁକ୍ତଙ୍କ ମୋବାଇଲ ଟ୍ରାକିଂ କରି ପୁଲିସ ଶନିବାର ରାତି ପ୍ରାୟ ସାଢ଼େ ୧୦ଟାରେ ତାଙ୍କୁ ଗିରଫ କରିଥିଲା। ଅଭିଯୁକ୍ତ ମଧ୍ୟ ଆହତ ହୋଇଥିବାରୁ ପୁଲିସ ତାଙ୍କୁ ଚିକିତ୍ସା ପାଇଁ ସୁନ୍ଦରଗଡ଼ ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରିଛି। ଗୁଳିମାଡ଼ ଘଟଣାରେ ପୁଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ତେବେ ଅଭିଯୁକ୍ତଙ୍କୁ ମାଡ଼ ଘଟଣା ନେଇ ଥାନାରେ ଅଭିଯୋଗ ହୋଇ ନ ଥିବା ପୁଲିସ କହିଛି।

# ଦୁର୍ଘଟଣାରେ ଆହତ ଯୁବକଙ୍କ ମୃତ୍ୟୁ

ସୁନ୍ଦରଗଡ଼, ୩୧।୧୨(ସମିସ): ଡିସେମ୍ବର ୨୬ ତାରିଖରେ ଦୁର୍ଘଟଣାରେ ଗୁରୁତର ହୋଇ ବୁର୍ଲା ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ କିରାଲଗା ଗ୍ରାମର ରୋହିତ ଡୁଙ୍ଗଡୁଙ୍ଗ (୨୬)। ରୋହିତ ତାଙ୍କ ବାଇକରେ ସାଥୀ ଅଶିଷ କିଡ଼ୋ (୨୩)ଙ୍କ ସହ ଘରକୁ ଫେରୁଥିବା ବେଳେ ଏକ ଟ୍ରାକ୍ଟର ସହ ଧକ୍କା ହୋଇଥିଲେ। ଏଥିରେ ରୋହିତ ଗୁରୁତର ଆହତ ହୋଇଥିଲେ। ପରିବାର ଲୋକେ ତାଙ୍କୁ ବୁର୍ଲା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ରୋହିତଙ୍କ ବାପା ଭାଲେନଟିନ ଡୁଙ୍ଗଡୁଙ୍ଗ ଏ ନେଇ ଥାନାରେ ଏତଲା ଦେବା ପରେ ପୁଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ଲୋକ ମହୋତ୍ସବ 'ଯତ୍‌ରା' ବର୍ଜନ କରିବାକୁ ସାମ୍ବାଦିକଙ୍କ ଚେତାବନୀ

## ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀଙ୍କୁ ସ୍ମାରକପତ୍ର

**ସୁନ୍ଦରଗଡ଼, ୩୧।୧୨(ସମିସ):** ଜାନୁଆରୀ ପହିଲାରୁ ୫ ତାରିଖ ପର୍ଯ୍ୟନ୍ତ ସୁନ୍ଦରଗଡ଼ ସରକାରୀ ମହାବିଦ୍ୟାଳୟ ଖେଳପଡ଼ିଆରେ ହେବାକୁ ଥିବା ସୁନ୍ଦରଗଡ଼ ଜିଲ୍ଲା ଲୋକ ମହୋତ୍ସବ 'ଯତ୍‌ରା'କୁ ବର୍ଜନ କରିବାକୁ ସ୍ଥାନୀୟ କାର୍ଯ୍ୟରତ ସାମ୍ବାଦିକମାନେ ଚେତାବନୀ ଦେଇଛନ୍ତି। ଏ ନେଇ ସେମାନେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ତଥା ଭାରପ୍ରାପ୍ତ ସଂସ୍କୃତି ଅଧିକାରୀ ନନ୍ଦିନୀ ମୁଣ୍ଡାରୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରି ଅସନ୍ତୋଷ ଜଣାଇଛନ୍ତି। ଉକ୍ତ ଲୋକ ମହୋତ୍ସବ ଯତ୍‌ରାରେ ଜିଲ୍ଲା ସଦର ମହକୁମା ଏବଂ ବିଭିନ୍ନ ବ୍ଲକରେ କାର୍ଯ୍ୟରତ ସାମ୍ବାଦିକଙ୍କୁ ଉପେକ୍ଷା କରିବା, ତାଙ୍କର କୌଣସି ମତାମତ ଗ୍ରହଣ କରା ନ ଯିବା ଏବଂ ଜିଲ୍ଲା ପ୍ରଶାସନ ମନମୁଖି କାର୍ଯ୍ୟ କରୁଥିବା ଅଭିଯୋଗ କରାଯାଇଛି। ଏହା ବିରୋଧରେ ସମସ୍ତ କାର୍ଯ୍ୟରତ ସାମ୍ବାଦିକ ଯତ୍‌ରାକୁ ବର୍ଜନ କରିବାକୁ ନିଷ୍ପତ୍ତି ନେଇଥିବା ଏଥିରେ ଦର୍ଶାଯାଇଛି। ଏହି ଅବସରରେ ସାମ୍ବାଦିକ ଜଗମୋହନ ରାଉତ, ଜୟନାରାୟଣ ମେଣ୍ଡୁଲି, ଡମ୍ବରୁଧର ନାୟକ, ଦେବବ୍ରତ ଜେନା, ଦେବାଶିଷ କବି, ସୁଜିତ ସା, ଆଲୋକ ଜେନା, ପପୁପ୍ରସାଦ ସିଂ, ସାଗର ପଟ୍ଟନାୟକ, ହରିହରଦାସ ମହାପାତ୍ର, କିଶୋର ନାୟକ, ଦେବେନ୍ଦ୍ର ଭିତ୍ରିଆ ପ୍ରମୁଖ ଉପସ୍ଥିତ ଥିଲେ।



# ହକି ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

**ବାଲିଶଙ୍କରା, ୩୧।୧୨(ସମିସ)**



ବାଲିଶଙ୍କରା ବ୍ଲକ ତିଲେଇକାନୀ କୃତ୍ରିମ ଘାସ ହକି ପଡ଼ିଆରେ ୨୯ତମ ଶୁକ୍ରୁ ମେମୋରିଆଲ ଓ ୧୫ତମ ପୀୟୂଷ ମେମୋରିଲ ହକି ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଛି। ଶୁକ୍ରୁ ବାର୍ଲାଙ୍କ ଭାଇଁ ତଥା ପୂର୍ବତନ ଅନ୍ତର୍ଜାତୀୟ ହକି ଖେଳାଳି ଇଲିଆସ ତିର୍କୀଙ୍କ ନେତୃତ୍ୱ ଅନୁଷ୍ଠିତ ଏହି ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ୍ (ପୁରୁଷ) ଧମକପୁର ଓ ଡମକୁଡ଼ା ମଧ୍ୟରେ ଖେଳାଯାଇଥିଲା। ଧମକପୁର ଚାମ୍ପିଅନ ହୋଇଥିବାବେଳେ ଡମକୁଡ଼ା ଦଳ ରନର୍ସଅପ ଓ ଦେଓଗାଁ ଦଳ ତୃତୀୟ ହୋଇଥିଲା। ସେହିପରି ମହିଳା ବର୍ଗରେ ସଉନାମରା ଦଳ ଚାମ୍ପିଅନ ଓ ତିଲେଇକାନୀ ଦଳ ରନର୍ସଅପ ହୋଇଥିଲା।

ଏଥିରେ ମୁଖ୍ୟଅତିଥି ରୂପେ ଭାରତୀୟ ହକି ଦଳର ପୂର୍ବତନ ଅଧିନାୟକ ଇଗ୍ନେସ ତିର୍କୀ ଯୋଗଦେଇ ଧୈର୍ଯ୍ୟ, କଠିନ ପରିଶ୍ରମ କଲେ ଜଣେ ଦକ୍ଷ ଖେଳାଳି ହୋଇପାରିବ ବୋଲି କହିଥିଲେ। ସମ୍ମାନିତ ଅତିଥି ରୂପେ ଫାଦର ଫୁଲଯେନ ମାଝୀ, ଫାଦର ରଞ୍ଜନ ଲାକ୍ରା, ଫାଦର ପ୍ରେମମେବ ଡିଗ୍ଗା, ଫାଦର ଲଳିତ ଖେସ, ଫାଦର ମାଥିୟାସ ବାର୍ଲା, ଫାଦର ସୁନୀଲ ବାର୍ଲା, ଫାଦର ଅନିଲ କୁଜୁର, ଅବସରପ୍ରାପ୍ତ ଜିଲ୍ଲା କ୍ରୀଡ଼ା ଅଧିକାରୀ ଅଭୟ ପଟ୍ଟନାୟକ, ଅନ୍ତର୍ଜାତୀୟ ଖେଳାଳି ବିମଳା ବାର୍ଲା, ସୁରେଶ ମିଞ୍ଜ, ଏଲିଅନ ତିର୍କୀ, ଆଲୋକ ବାର୍ଲା, ଅଶ୍ୱିନୀ କୁଜୁର, ହକି ପ୍ରଶିକ୍ଷକ ପ୍ରିୟଙ୍କା କୁଜୁର, ତିଲେଇକାନୀ ହକି କେନ୍ଦ୍ର ଇନଚାର୍ଜ ଆଲମା ଲାକ୍ରା ପ୍ରମୁଖ ଯୋଗଦେଇଥିଲେ। ରେଫରୀ ଭାବରେ ରାଜେନ ଏକ୍କା, ମହିଳା ରେଫରୀ ଆଲମା ଲାକ୍ରା, ପ୍ରିୟଙ୍କା କୁଜୁର ଦାୟିତ୍ୱ ତୁଲାଇଥିଲେ। ପୁରୁଷ ବର୍ଗର ବିଜେତା ଧମକପୁର ଦଳକୁ ୨୦ହଜାର ଟଙ୍କା, ଉପବିଜେତା ଡମକୁଡ଼ା ଦଳକୁ ୧୫ ହଜାର ଟଙ୍କା ଓ ତୃତୀୟ ଦଳ ଦେଓଗାଁକୁ ୧୦ହଜାର ଟଙ୍କା ପୁରସ୍କାର ପ୍ରଦାନ କରାଯାଇଥିଲା। ମହିଳା ବର୍ଗରେ ବିଜେତା ଦଳ ସଉନାମରାକୁ ୮ ହଜାର ଟଙ୍କା ଓ ଉପବିଜେତା ଦଳ ତିଲେଇକାନୀକୁ ୫ ହଜାର ଟଙ୍କା ପୁରସ୍କାର ପ୍ରଦାନ କରାଯାଇଥିଲା।

ରେଳ ବିଭାଗରେ ଚାକିରିରୁ ଅବସର ପରେ ଇଲିଆସ ଏବେ ଅଞ୍ଚଳରେ ହକି ଖେଳକୁ ବିଶେଷ ଗୁରୁତ୍ୱ ଦେଇ ବିଭିନ୍ନ ସ୍ଥାନରେ ହକି ଟୁର୍ଣ୍ଣାମେଣ୍ଟ ଆୟୋଜନ କରିଆସୁଛନ୍ତି। ଆଗାମୀ ଦିନରେ ଏହି ଅଞ୍ଚଳରୁ ନୂଆ ହକି ଖେଳାଳି ସୃଷ୍ଟି ହେବେ ଓ ଭାରତୀୟ ହକି ଦଳରେ ସ୍ଥାନ ପାଇ ଦେଶର ନାଁ ରଖିବେ ବୋଲି ବିଶ୍ୱାସ ରଖି ସେ ଏହି ଅଭିଯାନ ଚଳାଇଛନ୍ତି। ସେହିପରି ପୀୟୂଷ ବାର୍ଲାଙ୍କ ପୁଅ ଅଲମ୍ପିଆନ ଲାଜରୁସ ବାର୍ଲାଙ୍କ ନେତୃତ୍ୱରେ ୧୫ତମ ପୀୟୂଷ ବାର୍ଲା ହକି ଟୁର୍ଣ୍ଣାମେଣ୍ଟ ହୋଇଥିବାବେଳେ ଏଥିରେ ଶିକାଯୋର ଚାମ୍ପିଅନ ଓ ବାକିବାହାଲ ରନର୍ସଅପ ହୋଇଥିଲା। ମହିଳା ଦଳରେ ଶିକାଯୋର ଚାମ୍ପିଅନ ଓ ତିଲେଇକାନି ରନର୍ସଅପ ହୋଇଥିଲା। ପୁରୁଷ ବର୍ଗରେ ଚାମ୍ପିଅନ ଶିକାଯୋର ଦଳକୁ ୧୫ ହଜାର ଟଙ୍କା, ଉପବିଜେତା ବାକିବାହାଲ ଦଳକୁ ୧୦ ହଜାର ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯାଇଛି। ମହିଳା ବର୍ଗରେ ବିଜେତା ଶିକାଯୋର ଦଳକୁ ୫ ହଜାର ଟଙ୍କା ଓ ରନର୍ସଅପ ତିଲେଇକାନି ଦଳକୁ ୩ ହଜାର ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯାଇଛି।

# ଆମ୍ବେଦକର ଭବନରେ ମାଗଣା କୋଚିଂ ସେଣ୍ଟର ଶୁଭାରମ୍ଭ

**ସମ୍ବଲପୁର, ୩୧।୧୨(ସମିସ):** ସମ୍ବଲପୁରସ୍ଥିତ ଆମ୍ବେଦକର ଭବନ ଠାରେ ଆଜି ଅଂଶୁପ୍ରିୟା ମାଗଣା କୋଚିଂ ସେଣ୍ଟରକୁ ଶୁଭାରମ୍ଭ କରାଯାଇଛି। ମୁଖ୍ୟତଃ ଚତୁର୍ଥ ଓ ପଞ୍ଚମ ଶ୍ରେଣୀର ପାଠପଢୁଥିବା ଛାତ୍ରଛାତ୍ରୀଙ୍କ ପାଇଁ ଏହି ସେଣ୍ଟର ଉଦ୍ଦିଷ୍ଟ, କାରଣ ଏଠାରେ ସେମାନଙ୍କୁ ନବୋଦୟରେ ଚୟନ ପାଇଁ ସ୍ୱତନ୍ତ୍ର ପାଠପଢ଼ା ଯିବ। ଆମ୍ବେଦକର ଯୁବକ ସଂଘ ସମ୍ବଲପୁର



ପକ୍ଷରୁ ସ୍ୱର୍ଗତ ଅଂଶୁପ୍ରିୟା ସୁରୁଜାଲଙ୍କ ସ୍ମୃତିରେ ଏହି ମାଗଣା କୋଚିଂ ସେଣ୍ଟରକୁ ଶୁଭାରମ୍ଭ କରାଯାଇଛି। ଏହି ଅବସରରେ ଆମ୍ବେଦକର ଯୁବକ ସଂଘର ସଭାପତି ସୁକଦେବ ରଞ୍ଜିତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଅବସରପ୍ରାପ୍ତ ଓଡ଼ିଶା ପ୍ରଶାସନିକ ସେବାର ବରିଷ୍ଠ ଅଧିକାରୀ ପ୍ରଦୀପ ନାଏକ, ସମ୍ମାନିତ ଅତିଥି ଭାବରେ ବରଗଡ଼ ଜିଲ୍ଲା ଟ୍ରେଜେରୀ ଅଫିସର ଦିନେଶ ବାଗ, ବିଏସପି ଜିଲ୍ଲା ପ୍ରଭାପତି ଆଇନଜୀବୀ ଦିପକ କୁମାର ସିଂହ ପ୍ରମୁଖ ଅତିଥି ଭାବରେ ଯୋଗଦେଇ ଏହି ଅଭିନବ ପ୍ରୟାସକୁ ପ୍ରଶଂସା କରିଥିଲେ। ଏଥିରେ ଆମ୍ବେଦକର ଯୁବକ ସଂଘର ଶିକ୍ଷା ସମ୍ପାଦକ ଅତିଶ ବାଗଙ୍କ ସମେତ ଅନ୍ୟ ସଭ୍ୟମାନେ ମଧ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

# ସାହସପୁରରେ ବିକଶିତ ଭାରତ ସଂକଳ୍ପ ଯାତ୍ରା

**ମାନେଶ୍ୱର, ୩୧।୧୨(ସମିସ):** ମାନେଶ୍ୱର ବ୍ଲକ ସାହାସପୁର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ବିକଶିତ ଭାରତ ସଂକଳ୍ପ ଯାତ୍ରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ସରପଞ୍ଚ ଦିବାକର ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା ରୁକ୍ମଣୀ ମହାନନ୍ଦ, ଜିପିଇଓ ବିରଞ୍ଚି ବେହେରା,




ପଞ୍ଚାୟତ ନିର୍ବାହୀ ଅଧିକାରୀ ପ୍ରଶନ୍ନ ଦାଶ, ଜିଆରଏସ ଗୀତାଞ୍ଜଳି ପଟେଲ, ନାଏବ ସରପଞ୍ଚ ମିନାକ୍ଷୀ ପଣ୍ଡା, ଉତ୍କଳ ଗ୍ରାମ୍ୟ ବ୍ୟାଙ୍କ ମ୍ୟାନିଜର ସୁଶ୍ରୀ ସଙ୍ଗୀତ ବେହେରା, ଯୋଗାଣ ସହାୟକ ଆନନ୍ଦ ମେଣ୍ଡଲୀ ପ୍ରମୁଖ ଯୋଗଦେଇ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା ଉପରେ ଆଲୋକପାତ କରି ଜନସାଧାରଣ ମଧ୍ୟରେ ସଚେତନତା ସୃଷ୍ଟି କରିଥିଲେ। ଏହି ଅବସରରେ ଚାଷ ସମ୍ପର୍କରେ ବିଭିନ୍ନ ସୂଚନା ଦିଆଯାଇଥିବା ବେଳେ ମେଡିକାଲ ତରଫରୁ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଆୟୋଜିତ ହୋଇଥିଲା। ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ଘନଶ୍ୟାମ ପାଣ୍ଡେଙ୍କ ସଂଯୋଜନାରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ବିଭନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହାଇଥିଲା।

# ପାଞ୍ଚଦିନିଆ ଫୁଟ୍‌ବଲ ପ୍ରତିଯୋଗିତା ଉଦ୍‌ଯାପିତ

**କୁଚିଣ୍ଡା, ୩୧।୧୨(ସମିସ):** ଗତ ୨୭ ତାରିଖରୁ ଆରମ୍ଭ ହୋଇଥିବା ସର୍ବଭାରତୀୟ ଉଦେରାମ ଗୁପ୍ତା ଓ ସୁରେଶ ଗୁପ୍ତା ଟ୍ରଫି ଆଜି ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍ ଗିରେଲଡୁଙ୍ଗୁରି ସୁନ୍ଦରଗଡ଼ ଏବଂ ଜୟ ଯବାନ କ୍ଲବ ଝାରସୁଗୁଡା ମଧ୍ୟରେ ହୋଇଥିଲା। ଏକ ପ୍ରତିଦ୍ୱନ୍ଦୀତା ମ୍ୟାଚ୍‌ରେ ଜୟ ଯବାନ କ୍ଲବ ଝାରସୁଗୁଡା ୧-୦ ଗୋଲରେ ଗିରେଲଡୁଙ୍ଗୁରି ସୁନ୍ଦରଗଡ଼କୁ ହରାଇ ଚାମ୍ପିଅନ ହୋଇଥିଲା। ପୁରସ୍କାର ବିତରଣୀ ସଭାରେ ଆଞ୍ଚଳିକ କ୍ରୀଡ଼ା କମିଟିର ସଂଯୋଜକ ଶୋଷିତ କୁମାର ନାଏକ ଅଧ୍ୟକ୍ଷତା କରିଥିଲେ। ରେଙ୍ଗାଲି ବ୍ଲକ ଅଧ୍ୟକ୍ଷ ସତ୍ୟନାରୟଣ ଅଗ୍ରୱାଲ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ବିଜେଡି ରେଙ୍ଗାଲି ବ୍ଲକ ପର୍ଯ୍ୟବେକ୍ଷକ ଦେବେନ୍ ପତି, ବିଜେଡି ନେତା ହେମନ୍ତ ଦକ୍ଷଶ, ଦୟା ସାଗର ଭାଇଁସାଲ, ରେଙ୍ଗଲୋଇ ସମିତି ସଭ୍ୟ ଅଶ୍ୱନୀ ପଟେଲ, ହେମନ୍ତ ଗୁପ୍ତା, ଅମିତ ଗୁପ୍ତା, ଆଶିଷ ଗୁପ୍ତା ପ୍ରମୁଖ ଯୋଗଦେଇ ଦଳକୁ ବିଜେତା ଦଳକୁ ୭୦ହଜାର ଟଙ୍କା ସହ ଟ୍ରଫି ଏବଂ ଉପବିଜେତାକୁ ୫୦ହଜାର ଟଙ୍କା ଏବଂ ଟ୍ରଫି ପ୍ରଦାନ କରିଥିଲେ। ସେମିଫାଇନାଲ ପର୍ଯ୍ୟନ୍ତ ପହଞ୍ଚିଥିବା ଦଳକୁ ୧୦ହଜାର ଟଙ୍କା ପ୍ରଦାନ କରାଯାଇଥିଲା। କିଶୋର ଖଡିଆ ମେନ୍ ଅଫ ଦି ଟୁର୍ଣ୍ଣାମେଣ୍ଟ ହୋଇଥିଲେ। ଖେଳ ଶିକ୍ଷକ ରାଜେଶ ପଟେଲ, ନୀଳ ନାଏକ, ଲେନିନ କୁମାର ପଟେଲ, ଚନ୍ଦ୍ର, ଉଦିତ ପ୍ରତାପ ଦେଓ ଏହି ପଞ୍ଚଦିବସୀୟ ଖେଳକୁ ପରିଚାଳନା କରିଥିଲେ। ବଦ୍ରି ନାରୟଣ ଗୁରୁ ଓ କିଶୋର ସାହୁ ଧାରା ବିବରିଣୀ ପ୍ରଦାନ କରିଥିଲେ। ଭବାନୀ ଭୋଇ, ଡିଲେଶ୍ୱର ରଣା, ବାବୁଲୁ ପ୍ରଧାନ, କବିର ଶରଣ ନାଏକ, ଥବିର ପଟ୍ଟା, ସଞ୍ଜୟ ପଟେଲ, ନିରୋଜ ମରାଇ ତଥା ଲଇଡ଼ା ଆଞ୍ଚଳିକ କ୍ରୀଡ଼ା କମିଟି ସଭ୍ୟ ସହଯୋଗ କରିଥିଲେ।



# ଏମସିଏଲ୍ ଜାଗୃତି ମହିଳା ମଣ୍ଡଳ ଦ୍ୱାରା ଶାଲ୍ ବଣ୍ଟନ

**ବୁର୍ଲା, ୩୧।୧୨(ସମିସ):** ପ୍ରବଳ ଥଣ୍ଡାକୁ ଦୃଷ୍ଟିରେ ରଖି ଜାଗୃତି ମହିଳା ମଣ୍ଡଳର ନୂତନ ଅଧ୍ୟକ୍ଷା ସ୍ମିଥ୍ ସୁବର୍ଣ୍ଣା କାଓଲେଙ୍କ ନେତୃତ୍ୱରେ ମଣ୍ଡଳର ସଦସ୍ୟାମାନେ ସିକିର୍ଡି ଗସ୍ତକରି ୨୨ ଜଣ ବୃୟସ୍କଙ୍କୁ ଶାଲ୍, ଲୁଙ୍ଗି ଏବଂ ଜଳଖିଆ ପ୍ୟାକେଟ୍ ବଣ୍ଟନ କରିଥିଲେ। ମଣ୍ଡଳର ସଦସ୍ୟମାନେ ଶୀତକୁ ଦୃଷ୍ଟିରେ ରଖି ଏହି ପଦକ୍ଷେପ ନେଇଥିବା କହିଛନ୍ତି। ଯାହାଦ୍ୱାରା ଅସହାୟମାନେ ଶୀତର ମୁକାବିଲା କରିବା ସହ କଠିନ ଶୀତରେ ଆରାମରେ ରହିପାରିବେ। ଏହି କାର୍ଯ୍ୟକ୍ରମରେ ୫ଜଣ ଉପାଧ୍ୟକ୍ଷା ଆଲ୍ପନା ଶୁକ୍ଲା ରାଓ, ସରିତା ପଟେଲ, ଆରତୀ ବୋରା, ରଶ୍ମୀ ବେହୁରା ଏବଂ ଅଞ୍ଜଳି ବାପଟ୍ ଏହି କାର୍ଯ୍ୟକ୍ରମରେ ସାମିଲ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ମହିଳା ମଣ୍ଡଳର ସମ୍ପାଦିକା ସୁମିତା ଘୋଷ, ଯୁଗ୍ମ ସମ୍ପାଦିକା ମିଲିନା ପ୍ରିୟଦର୍ଶିନୀ, କୋଷାଧ୍ୟକ୍ଷ ଅନୀତା ଗର୍ଗ, ସଦସ୍ୟା ଆଶା ଚୌଧୁରୀ, ରାଖୀ ପ୍ରସାଦ, ବୀଣା ସିଂ, କବିତା ଦାଶ, ଅନୁସୂୟା ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।
























